ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.96 Bhubaneswar Saturday May 20 2023 | ୨୬ତମ ବର୍ଷ ସଂଖ୍ୟା-୯୬ ଭୁବନେଶ୍ୱର, ଶନିବାର, ମଇ ୨୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଦାୟ ନେବ ୨ ହଜାର ଟଙ୍କିଆ ନୋଟ୍, ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କରେ ବଦଳାଇ ହେବ




ଭୁବନେଶ୍ୱର,୧୯।୫(ପି.ଏନ): ନେଣଦେଣରୁ ବିଦାୟ ନେବ ୨ ହଜାର ଟଙ୍କିଆ ନୋଟ୍। ୨ ହଜାର ଟଙ୍କିଆ ନୋଟ୍ ନେଇ ରିଜର୍ଭ ବ୍ୟାଙ୍କର ଆଜି ଏହି ବଡ ନିଷ୍ପତ୍ତି ନେଇଛନ୍ତି। ବିଦାୟ ନେଲେ ବି ଏବେ ଅଚଳ ହେବନି ୨ ହଜାର ଟଙ୍କିଆ ନୋଟ୍। ମେ’ ୨୩ରୁ ବ୍ୟାଙ୍କମାନଙ୍କରେ ବଦଳାଇ ହେବ ୨ ହଜାର ଟଙ୍କିଆ। ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରୁ ବଦଳାଇ ହେବ ଏହି ନୋଟ୍। ନୋଟ୍ ବଦଳାଇବା ପାଇଁ ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଥରକେ ସର୍ବାଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବଦଳାଇ ହେବ।

### ସିଟି ହସପିଟାଲରେ ରୋଗୀଙ୍କୁ ମିଳୁନି ଔଷଧ

ଗଞ୍ଜାମ, ୧୯।୫(ପି.ଏନ): ବ୍ରହ୍ମପୁର ସିଟି ହସପିଟାଲ ଉପରେ ଜିଲାର ଅର୍ଦ୍ଧାଧିକ ଜନସାଧାରଣ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। କିନ୍ତୁ, ଡାକ୍ତର ରୋଗୀଙ୍କ ପାଇଁ ଯେଉଁ ସାଧାରଣ ଔଷଧ ଲେଖନ୍ତି ସେସବୁ ଔଷଧ ଡାକ୍ତରଖାନାରେ ମିଳୁନାହିଁ। ଡାକ୍ତର ତିନି ଚାରି ପ୍ରକାର ଔଷଧ ରୋଗୀଙ୍କୁ ଲେଖିଲେ ମାତ୍ର ଗୋଟିଏ କିମ୍ବା ଦୁଇଟି ଔଷଧ ଦିଆଯାଉଛି। ଅନ୍ୟ ଔଷଧ ବାହାରୁ କିଣିବାକୁ କୁହାଯାଉଛି। ଏପରିକି ବରିଷ୍ଠ ନାଗରିକ ମାନଙ୍କୁ ସାଧାରଣ ଉଚ୍ଚ ରକ୍ତଚାପ ପାଇଁ ଔଷଧ ଦିଆନଯାଇ ବାହାରୁ କିଣିନେବାକୁ କୁହାଯାଉଛି। ଫଳରେ ଏଠାକୁ ଆସୁଥିବା ରୋଗୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସିଡିଏମଓ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୫ଟି ସଚିବଙ୍କ ଦୁଇ ଦିନିଆ କଳାହାଣ୍ଡି ଗସ୍ତ

ଭୁବନେଶ୍ୱର, ୧୯।୫(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫ଟି ସଚିବ ଭି କେ ପାଣ୍ଡିଆନ୍ ଆଜି ତିନିଦିନିଆ କଳାହାଣ୍ଡି ଓ ନୂଆପଡା ଗସ୍ତରେ ଯାଇ ପ୍ରଥମ ଦିନରେ ଉତକେଲା ,ମଦନପୁର ଓ ଭବାନୀପାଟଣା ଯାଇ ବିଭିନ୍ନ ବିକାଶ କାମ ବୁଲିଦେଖିବା ସହ ଛାତ୍ରଛାତ୍ରୀ, ମହିଳା, କ୍ରୀଡାବିତ୍ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ।ପ୍ରଥମେ ଶ୍ରୀ ପାଣ୍ଡିଆନ୍ ଉତକେଲା ବିମାନ ଘାଟିର ବିକାଶ କାମ ଅନୁଧ୍ୟାନ କରିଥିଲେ । କଳାହାଣ୍ଡିକୁ ଏୟାର କନେକ୍ଟିଭିଟିର ବିକାଶ ପାଇଁ ଉତକେଲା ବିମାନ୍ ଘାଟି ରନୱେ ର ସମ୍ପ୍ରସାରଣ କାମ ଜୁନ ୨୩ ସୁଦ୍ଧା ଶେଷ କରିବାକୁ ୫ଟି ସଚିବ ପରାମର୍ଶ ଦେଇଥିଲେ ।ପରେ ଶ୍ରୀ ପାଣ୍ଡିଆନ୍ ବେଲଖଣ୍ଡିର ପ୍ରସିଦ୍ଧ ଉମା ମହେଶ୍ୱର ଧବଳେଶ୍ୱର ଶିବ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ବିକାଶ ସମ୍ପର୍କରେ ସେବାୟତ ଓ କମିଟି ସଭ୍ୟ ମାନଙ୍କ ସହ ଆଲୋଚନା କରି ମନ୍ଦିର ବିକାଶ ପାଇଁ ୧୫ ଦିନ ଭିତରେ ଡିପିଆର ପ୍ରସ୍ତୁତି ପାଇଁ ଜିଲ୍ଲା ପାଳଙ୍କୁ ପରାମର୍ଶ ଦେଇଥିଲେ ।ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତର କାମ ୫ଟି ସଚିବ ବୁଲି ଦେଖିବା ସହ ଆମ ହସ୍ପିଟାଲ କାମ ଆଗାମୀ ଛ ମାସ ମଧ୍ୟରେ ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ନିରାମୟ କେନ୍ଦ୍ରରେ ମାଗଣା ଔଷଧ ବଂଟନ କାମ ଅନୁଧ୍ୟାନ କରିଥିଲେ । ତେଲ ନଦୀ ଉପରେ ନିର୍ମାଣ ହେଉଥିବା ସାନ୍ଧୁଲ ବ୍ୟାରେଜ କାମର ଅଗ୍ରଗତି ଶ୍ରୀ ପାଣ୍ଡିଆନ୍ ସମୀକ୍ଷା କରିବା ସହ କାମ ଶୀଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୨୪ ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ଥିବା ବିଷୟ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ଅବଗତ କରିଥିଲେ ।ଏହି ବ୍ୟାରେଜ କାମ ଶେଷ ହେଲେ ନର୍ଲା, କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକ ର ୨୯ ଟି ଗାଆଁର ଚାଷ ଜମିକୁ ଦ୍ୱାରା ପାଣି ମିଳିପାରିବ ।ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ନର୍ଲା ଷ୍ଟାଡିୟମ୍ ଓ ମିଶନ ଶକ୍ତି କାଫେ ଯାଇ ଖେଳାଳି ଓ ମିଶନ ଶକ୍ତି ମା ମାନଙ୍କ ସହ ଆଲୋଚନା କରିଥିଲେ ।

## ଜୁନ ୪ରେ କେରଳ ଛୁଇଁପାରେ ମୌସୁମି ବାୟୁ

ଭୁବନେଶ୍ୱର, ୧୯।୫(ପି.ଏନ): ପାଣିପାଗ ବିଭାଗର ପୂର୍ବାନୁମାନ ସୂଚନା ଅନୁସାରେ ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ଚଳିତ ବର୍ଷ ସାମାନ୍ୟ ବିଳମ୍ବରେ ଅର୍ଥାତ୍? ଜୁନ୍ ୪ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ । ମୌସୁମୀ କେରଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଟୁଇଟ୍‌ରେ ସୂଚନା ଦିଆଯାଇଛି । ଜୁନ୍ ୧ ବଦଳରେ ସାମାନ୍ୟ ବିଳମ୍ବରେ ତଥା ୪ରେ କେରଳ ଛୁଇଁବ ମୌସୁମୀ ବାୟୁ । କେରଳ ଛୁଇଁବାର ଏକ ସପ୍ତାହ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥାଏ । ଫଳରେ ମୌସୁମୀ ଜୁନ୍ ୧୩ ତାରିଖ ପୂର୍ବରୁ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି । ଚାଷୀମାନେ ଅଖିମୁଠି ଅନୁକୂଳ କରି ବର୍ଷାକୁ ଅପେକ୍ଷା କରି ରହିଛନ୍ତି । ପ୍ରାକ୍ ମୌସୁମୀ ବର୍ଷା ହେଲେ ଧାନବୁଣା ଆରମ୍ଭ ହେବ ।

## ଆଦାନି-ହିଣ୍ଡେନବର୍ଗ ବିବାଦ: କୌଣସି ନିୟମର ଉଲ୍ଲଙ୍ଘନ ହୋଇ ନଥିବା କହିଲେ ତଦନ୍ତ ପ୍ୟାନେଲ୍ ?



ଆଦାନି ଗ୍ରୁପ୍ ଷ୍ଟକର ମୂଲ୍ୟକୁ କୌଣସି ପ୍ରକାରର ଅତିରଞ୍ଜିତ କରାଯାଇନି। କୃତ୍ରିମ ଟ୍ରେଡିଂ ମଧ୍ୟ ଗ୍ରୁପ୍? ସହ ଜଡିତ ନାହିଁ। ଆଦାନି ଗ୍ରୁପ୍ କୌଣସି ପ୍ରକାରର ନିୟମର ଉଲ୍ଲଙ୍ଘନ କରି ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ହିଣ୍ଡେନବର୍ଗ ବିବାଦ ଘଟଣାରେ ଗଠିତ ସୁପ୍ରିମକୋର୍ଟ ପ୍ୟାନେଲ ଏପରି ରିପୋର୍ଟ ଦେଇଛି ।ପ୍ୟାନେଲ ତା’ର ତଦନ୍ତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଥିବା ବେଳେ ପ୍ରାଥମିକ ଅବସ୍ଥାରେ ଆଦାନି ଗ୍ରୁପରେ କୌଣସି ପ୍ରକାରର ହେରଫେର ହୋଇ ନଥିବା କହିଛି। ସେହିପରି ସେବି ପକ୍ଷରୁ ମଧ୍ୟ କୌଣସି ପ୍ରକାରର ନିୟମର ଉଲ୍ଲଙ୍ଘନ କରାଯାଇନି ବୋଲି ରିପୋର୍ଟରେ କୁହାଯାଇଛି ।ସୁପ୍ରିମକୋର୍ଟ ନିଯୁକ୍ତ ପ୍ୟାନେଲ ତା’ ରିପୋର୍ଟରେ କହିଛି ଯେ ଆଦାନି ଗ୍ରୁପ୍? ପକ୍ଷରୁ ଶେୟାର ମୂଲ୍ୟରେ କୌଣସି ପ୍ରକାରର ହେରଫେର କରାଯାଇନି। ଏହି ଗ୍ରୁପ୍ ରିଟେଲ ପୁଞ୍ଜିନିବେଶକାରୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲା। ଶେୟାର ଉପରେ ବିଶ୍ୱାସ ରଖିବା ପାଇଁ କମ୍ପାନୀ ସହଯୋଗ କରିଥିଲା ଓ ଏବେ ଶେୟାରଗୁଡିକ ସ୍ଥିର ରହିଛି ବୋଲି ମଧ୍ୟ ପ୍ୟାନେଲ କହିଛି ।ରିପୋର୍ଟରେ କୁହାଯାଇଛି ଯେ ସେବି ୨୦୨୦ରୁ ବିଦେଶର ୧୩ଟି ସଂସ୍ଥାର ତଦନ୍ତ କରୁଥିଲେ ହେଁ ଏଯାଏ ସେମାନଙ୍କ ମାଲିକାନା ସମ୍ପର୍କରେ ଜାଣିପାରିନାହିଁ। ସେବି କୁକୁଡା ଓ ଅଣ୍ଡା ସ୍ଥିତିରେ ରହିଛି। ସେବି ତା’ର ତଦନ୍ତ ବେଳେ ସବୁ ପ୍ରକାରର ଚେଷ୍ଟା କରିଥିଲା। କିନ୍ତୁ ଆଦାନି ଅଭିଯୋଗ ସହ ଜଡିତ ୧୩ କମ୍ପାନୀ ସମ୍ପର୍କରେ କିଛି ବି ସୂଚନା ପାଇନି।

### ଭାରସାମ୍ୟ ହରାଇ ଓଲଟିଲା ବସ୍, ଅଳ୍ପକେ ବର୍ତିଲେ ଯାତ୍ରୀ

ଖୋର୍ଦ୍ଧା, ୧୯।୫(ପି.ଏନ): ଗତକାଲି ବିଳମ୍ବିତ ରାତ୍ରିରେ ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ତେବେ ଏଥିରେ କେହି ମୃତାହତ ହୋଇନଥିବା ଜଣାପଡିଛି ।ସୂଚନା ମୁତାବକ, ଭୁବନେଶ୍ୱରରୁ ନମସ୍କାର ନାମକ ଏହି ବସଟି ଯାତ୍ରୀ ନେଇ ଆସ୍କା ଅଭିମୁଖେ ଯାଉଥିଲା। ଗତକାଲି ରାତି ପାଖାପାଖି ୨ଟା ସମୟରେ ନାଭାଲ ଫାଣ୍ଡି ନିକଟସ୍ଥ ବ୍ରଜରାଜପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ବସରେ ପ୍ରାୟ ୮୦ ଜଣ ଯାତ୍ରୀ ଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ ସଦଳବଳେ ଦୁର୍ଘଟଣାସ୍ଥଳରେ ପହଂଚି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ବସରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ତେବେ ସୌଭାଗ୍ୟବଶତଃ କୌଣସି ଯାତ୍ରୀ ମୃତାହତ ହୋଇନଥିବା ଫାଣ୍ଡି ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ASO ପରୀକ୍ଷା ଅନିୟମିତତା ମାମଲା: ମେରିଟ ଲିଷ୍ଟକୁ ଖାରଜ କଲେ ହାଇକୋର୍ଟ, ୨ ମାସ ମଧ୍ୟରେ ନୂଆ ତାଲିକା ବାହାର କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୯।୫(ପି.ଏନ): ଗତ ବର୍ଷ ଅଗଷ୍ଟ ମାସରେ ୭୯୬ଟି ASO ପଦବୀ ପାଇଁ ପରୀକ୍ଷା କରି ଓଡିଶା ଲୋକସେବା ଆୟୋଗ (OPSC) ପକ୍ଷରୁ ଯେଉଁ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା ତାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହା ସହିତ ୨ ମାସ ମଧ୍ୟରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ ପିଲାମାନେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ରାୟକୁ ଆବେଦନକାରୀମାନେ ସ୍ୱାଗତ କରିଥିବା ବେଳେ ଓପିଏସ୍‌ସି ଏହା ବିରୋଧରେ ପୁନଃ ଆବେଦନ କରିପାରେ କିମ୍ବା ଉପରକୋର୍ଟକୁ ଯାଇପାରେ ବୋଲି କୁହାଯାଉଛି। ଆବେଦନକାରୀମାନଙ୍କ ଓକିଲ ମନୋଜ କୁମାର ମିଶ୍ର କହିଛନ୍ତି, ସେକ୍ସନ ଅଫିସର ନିଯୁକ୍ତି ପାଇଁ ଯେଉଁ ନିୟମ ରହିଛି, ତାହା ଅନୁଯାୟୀ ଓପିଏସ୍‌ସି କେବଳ ସର୍ଟଲିଷ୍ଟ କରିପାରିବ। କିନ୍ତୁ ତା’ମାନେ ନୁହେଁ ଯେ ଓପିଏସ୍?ସି ନିଜେ ତାଙ୍କ ଆଡୁ ପ୍ରତି ବିଷୟରେ ୪୦% କଟ୍‌ଅଫ୍ ମାର୍କ ରଖିପାରିବେ। ଓପିଏସ୍‌ସିର ସେହି କ୍ଷମତା ନାହିଁ। ଓପିଏସ୍‌ସି ତାଙ୍କ ବିଜ୍ଞପ୍ତିରେ କହିଥିଲେ ଯେ ସେମାନେ କଟ୍‌ଅଫ୍ ମାର୍କ ରଖିବେ। କିନ୍ତୁ କେତେ କଟ୍‌ଅଫ୍ ମାର୍କ ରଖିବେ ତାହା କହିନଥିଲେ। ତେଣୁ ପରୀକ୍ଷା ଦେବା ବେଳେ ପିଲାମାନେ ଜାଣି ପାରି ନଥିଲେ ଯେ ସେମାନଙ୍କ କଟଅଫ ମାର୍କ ୪୦% ରହିବ। ତା’ ପୂର୍ବଥର ଓପିଏସ୍‌ସି ଏଏସ୍‌ଓ ନିଯୁକ୍ତି ପାଇଁ ଯେଉଁ ପରୀକ୍ଷା କରିଥିଲେ ସେଥିରେ ବି ସମାନ ନିୟମ ରଖାଯାଇଥିଲା, କିନ୍ତୁ କଟ୍‌ଅଫ୍ ବ୍ୟବସ୍ଥା ନଥିଲା। ମୋଟ୍ ମାର୍କ ଆଧାରରେ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା।ଓପିଏସ୍‌ସି କେବଳ ପ୍ରାର୍ଥୀ ଚୟନ କରିପାରିବେ। ନିୟମ ଆଧାରରେ ସେମାନେ ପ୍ରାର୍ଥୀ ଚୟନ କରିପାରିବେ। ନିୟମ ବାହାରକୁ ଯାଇ ପ୍ରାର୍ଥୀ ଚୟନ କରିବାର କ୍ଷମତା ସେମାନଙ୍କର ନାହିଁ। ଆମେ ଏହି ଯୁକ୍ତି କୋର୍ଟରେ ଉପସ୍ଥାପନ କରିଥିଲୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ସମ୍ଭାବ୍ୟ ଅଏଲ୍ ପାମ୍ ଜିଲ୍ଲା ଭାବରେ ନୂଆପଡ଼ାକୁ ସାମିଲ କରାଗଲା

ଭୁବନେଶ୍ୱର, ୧୯।୫(ପି.ଏନ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନ୍ୟାସନାଲ୍ ମିଶନ ଅଫ୍ ଏଡିବୁଲ୍ ଅଏଲ୍-ଅଏଲ୍ ପାମ୍ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲ୍ଲା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଆଜି ଏହି ମର୍ମରେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି ।ଚଡ଼ା କମିଟି-୨୦୦୬ ଏବଂ ରେଥିୟମ୍ କମିଟି-୨୦୦୭ର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଏଲ୍ ପାମ୍ ଚାଷର ସଂପ୍ରସାରଣ ନିମନ୍ତେ ୨୩ ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲ୍ଲା ଭାବରେ ଚିହ୍ନଟ କରାଯାଇ କେନ୍ଦ୍ର ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ନୂଆପଡ଼ା ଜିଲ୍ଲାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ମୃତ୍ତିକା ଓ ପରିବେଶ ଅନୁକୂଳକୁ ଦୃଷ୍ଟିରେ ରଖି ଏବଂ ନୂଆପଡ଼ା ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଯୋଗୁଁ ଅଏଲ୍ ପାମ୍ ଉନ୍ନୟନ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାକୁ ସମ୍ଭାବ୍ୟ ଜିଲ୍ଲା ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି ।୨୦୨୩-୨୪ ବର୍ଷ ପାଇଁ ରାଜ୍ୟରେ ଅଏଲ୍ ପାମ୍ ଚାଷର ସଂପ୍ରସାରଣ କାର୍ଯ୍ୟକ୍ରମ ନିମନ୍ତେ ଆଗ୍ରହୀ ଅଏଲ୍ ପାମ୍ କମ୍ପାନୀଗୁଡ଼ିକ ମଧ୍ୟରେ ଜିଲ୍ଲା ଆବଂଟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯାଉଥିବା ପରିପ୍ରେକ୍ଷୀରେ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିଲା ।ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଅଏଲ୍ ପାମ୍ ଉନ୍ନୟନ କାର୍ଯ୍ୟକ୍ରମରେ ଉକ୍ତ ୨୩ଟି ଜିଲ୍ଲାକୁ ଆବଂଟନ ନିମନ୍ତେ ଆଗ୍ରହୀ କମ୍ପାନୀଗୁଡ଼ିକ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ଏବଂ ରାଜ୍ୟରେ ଏହି କାର୍ଯ୍ୟକ୍ରମ ନିମନ୍ତେ ୧୦ଟି ଅଏଲ୍ ପାମ୍ କମ୍ପାନୀଙ୍କ ନାମ ତାଲିକା ଚୂଡ଼ାନ୍ତ କରାଯାଇଛି ।

## ଆଖିରେ ଆଖିଏ ଲୁହ ଧରି ବ୍ରତ ପାଳିଲେ ଦୁଇ ସାବିତ୍ରୀ !



ଇଏ ହେଉଛନ୍ତି ଦୁଇ ସାବିତ୍ରୀ! ନାଁ ଜୟମଣୀ ନାୟକ ଓ ପାର୍ବତୀ ଦାସ। ପ୍ରେମ କରି ବିବାହ କରିଥିଲେ। ବହୁ ବାଦ ବିବାଦ ଭିତରେ ଘର ସଂସାର ଗ?ଥିଲେ। ହେଲେ ବେଶୀ ଦିନ ତିଷ୍ଠି ପାରିନଥିଲା ଖୁସି। ବିବାହ ନୂଆ ରୂପ ନେବା ପୂର୍ବରୁ ସମ୍ପର୍କରେ ପଡିଲା ପୂର୍ଣ୍ଣଚ୍ଛେଦ। ପରିବାରଠାରୁ ଅଲଗା ହୋଇଥିଲେ ମଧ୍ୟ ଆଜି ଉଭୟ ପାଳିଛନ୍ତି ସାବିତ୍ରୀ ବ୍ରତ। ଆଉ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ଭଗବାନଠାରେ କରିଛନ୍ତି ପ୍ରାର୍ଥନା। ସାବିତ୍ରୀ ବ୍ରତରେ ଏମିତି ଦୁଃଖଦ ଖବର ଆସିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଞ୍ଚଳରୁ ।ଅଷ୍ଟମ ଶ୍ରେଣୀରେ ପ?ୁଥିଲେ ଚକଲାପଦର ଗାଁର ଜୟମଣୀ ନାୟକ। ପାଠ ପା?ିବା ବେଳେ ପ୍ରେମଲାଲ ଯାଦବଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗ? ଉଠିଥିଲା। ଭିନ୍ନ ଜାତିରେ ହୋଇଥିବାରୁ ପରିବାର ଲୋକେ ଗ୍ରହଣ କରିନଥିଲେ। ତେଣୁ ଉଭୟ ଘର ଛାଡି ପଳାଇ ଯାଇଥିଲେ। ସାହିଭାଇଙ୍କ ସହିତ ଆଲୋଚନା ପରେ ପ୍ରେମଲାଲ୍?ଙ୍କ ପରିବାର ଲୋକେ ଜୟମଣୀଙ୍କୁ ଘରକୁ ଆଣିଥିଲେ। ଆଉ ବୈଦିକ ରୀତିନୀତିରେ ପୁଣି ଥରେ ହୋଇଥିଲା ବାହାଘର। ପରେ ଜୟମଣୀ ଶାଶୂ ଘରେ ସଂସାର ଗ? ଥିଲେ। ଉଭୟଙ୍କ ଔରଷରୁ ଝିଅଟିଏ ଜନ୍ମ ହୋଇଥିଲା। ବେଶ ହସଖୁସିରେ ଚାଲିଥିଲା ସଂସାର। ହଠାତ୍? ସେହି ସଂସାରରେ ଲାଗିଲା କାହାର ନଜର। ସାତ ଜନମର ସାଥୀଙ୍କୁ ଛାଡି ପ୍ରେମଲାଲ କେଉଁଆଡେ ଚାଲିଗଲେ। ତା’ପରେ ଆରମ୍ଭ ହେଲା ଜୟମଣୀଙ୍କ ଉପରେ ନିର୍ଯାତନା। ତେବେ ନିର୍ଯାତନା ଅସହ୍ୟ ହେବାରୁ ୫ ମାସ ତଳେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ହେଲେ ନ୍ୟାୟ ନମିଳିବାରୁ ନୂଆ ଠିକଣା ଖୋଜିବାରେ ଲାଗିଲେ। ଜୟମଣୀଙ୍କ ପରି ଫୁପୁଗାଁ ଗାଁର ପାର୍ବତୀ ଦାସଙ୍କ ଜୀବନ ଦୁଃଖ ଓ ଯନ୍ତ୍ରଣା ଦାୟକ। ସେ କାର୍ତ୍ତିକ ଦାସଙ୍କୁ ପ୍ରେମ କରୁଥିଲେ। ପରେ କୋରାପୁଟ ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲେ। ହେଲେ ଉଭୟଙ୍କ ଜାତି ଭିନ୍ନ ହୋଇଥିବାରୁ ପରିବାର ଲୋକେ ଗ୍ରହଣ କରିନଥିଲେ। ବହୁ ଆଲୋଚନା ପରେ ପାର୍ବତୀ ଶାଶୂ ଘରକୁ ଫେରିଥିଲେ। କିନ୍ତୁ ଅନ୍ତରର ସହ କାର୍ତ୍ତିକଙ୍କ ପରିବାର ଗ୍ରହଣ କରୁନଥିଲେ। ଶେଷରେ କାର୍ତ୍ତିକ ନିଜ ଜୀବନସାଥୀ ପାର୍ବତୀଙ୍କୁ ଜଙ୍ଗଲ ପଖରେ ଥିବା ଗୋଦାମ ଘରେ ଛାଡି ଆସିଥିଲେ। ଦୁଃଖ ସହ୍ୟ କରି ସେହି ଗୋଦାମ ଘରେ ରହୁଥିଲେ। ସେହିଠାରେ ପାର୍ବତୀ ଝିଅ ଜନ୍ମ କରିଥିଲେ। ଧୀରେ ଧୀରେ ଝିଅ ବ?ିଲା। ଏବେ ଝିଅକୁ ୧୧ ବର୍ଷ ହେଲାଣି। ପାଠ ପ?ିବାକୁ ଚାହିଁଲା। ତେଣୁ ଝିଅକୁ ସ୍କୁଲରେ ନାମ ଲେଖାଇବାକୁ ଚାହିଁଥିଲେ ପାର୍ବତୀ। ହେଲେ କାର୍ତ୍ତିକଙ୍କ ପରିବାର ଲୋକେ ତାଙ୍କୁ ନାମ ଲେଖାଇବାକୁ ଦେଲେନାହିଁ।

## ଇସ୍ପାତ ଜେନେରାଲ ହସ୍ପିଟାଲରେ ଦଲାଲ ରାଜ୍, ରୋଗୀ ସେବା ଚୁଲିକୁ ଗଲାଣି

ରାଉରକେଲା,୧୯।୫(ପି.ଏନ): ରାଉରକେଲା ଇସ୍ପାତ କାରଖାନା ଅଧିନରେ ଥିବା ଡାକ୍ତରଖାନା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ) ରେ ଏବେ ଦଲାଲ ରାଜ ବଢି ଚାଲିଥିବା ବେଳେ ରୋଗୀ ମାନେ ହନ୍ତସନ୍ତ ହେବା ସହ ସେମାନଙ୍କ ପରିବାର ବର୍ଗ ହା ହା କାର ଡାକିଲେଣି। ଆଇଜିଏଚର ଏଭଳି ଅବସ୍ଥା ଯୋଗୁଁ ରାଉରକେଲା ଓ କଟକ, ଭୁବନେଶ୍ୱରରେ ଥିବା ଘରୋଇ ଡାକ୍ତରଖାନା ମାନଙ୍କ ଉପରେ ରୋଗୀ ଭରସା କରୁଛନ୍ତି ଏବଂ ଏହି ଡାକ୍ତରଖାନା ଏକ ରେଫରାଲ୍ ଡାକ୍ତରଖାନାରେ ପରିଣତ ହୋଇଛି । ପାଖରେ ଆରମ୍ଭ ହେଲାଣି ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଅନ୍ୟତମ ହସ୍ପିଟାଲ ଆପୋଲୋ ହସ୍ପିଟାଲ । ଦଲାଲ୍ ମାନେ ଆଇଜିଏଚ ଭିତରକୁ ମନଇଚ୍ଛା ପ୍ରବେଶ ଯୋଗୁଁ ସେବାରେ ଥିବା ରୋଗୀ ମାନଙ୍କ ଲାଗି ନାନା ସମସ୍ୟାର କାରଣ ହୋଇଛି ଓ ସେବା ଏଠାରେ ବେପାର ପାଲଟିଛି। ରାଉରକେଲା ସହରର ଏହି ଡାକ୍ତରଖାନା ଲାଗି ସେଲ୍ ଅନେକ ଅର୍ଥ ବିନିଯୋଗ କରୁଛି। ଏହାର ଅନେକ ସୁନାମ ରହିଥିବା ବେଳେ ଏହାର ସୁନାମକୁ ଧିରେ ଧିରେ ଦଲାଲ୍ ମାନେ ନଷ୍ଟ କରିବାରେ ଲାଗିଛନ୍ତି, କିନ୍ତୁ ଏନେଇ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ନୀରବ । ଏଠାରେ ଘରୋଇ ଓ କାରଖାନାର କର୍ମଚାରୀଙ୍କୁ ସେବା ମିଳିଥାଏ, କାରଖାନାର କର୍ମଚାରୀ ମାନେ ମାଗଣା ଓ ବାହାର ରୋଗୀ ଟଙ୍କା ଖର୍ଚ୍ଚ କରି ସେବା ପାଇଥାନ୍ତି । ତେବେ ଏଠାରେ ଆଡମିଟ ହେଉଥିବା ରୋଗୀ ମାନଙ୍କ ଲାଗି ଡାକ୍ତର ଯେଉଁ ମେଡିସିନ ମାନ ଲେଖୁଛନ୍ତି ସେ ସବୁ ବାହାର ମେଡିସିନ ଦୋକାନରୁ ଆଣିବାକୁ ପ୍ରାୟତଃ ପଡିଥାଏ । ତେବେ ମେଡିସିନ ଆଣି ରୋଗୀଙ୍କ ଲୋକ ରଖିବା ପରେ ସେମାନଙ୍କର ଅନୁପସ୍ଥିତର ସୁଯୋଗ ନେଇ, ଇସ୍ପାତ ମାର୍କେଟ ଅଂଚଳରେ ଥିବା କିଛି ମେଡିସିନ ଷ୍ଟୋରର ଦଲାଲ ମାନେ ସେହି ମେଡିସିନ ଗୁଡିକୁ ଚୋରୀ କରିନେଉଥିବାର ଅଭିଯୋଗ ହେଉଛି । ନାନା ପ୍ରକାର ମେଡିସିନ ଓ ସାଲାଇନ ମାନ ଏଠାରୁ ନିୟମିତ ପ୍ରତି ରୋଗୀ ପାଖରୁ ଚୋରୀ ହେଉଛି । ଫଳରେ ସେହି ମେଡିସିନ ଗୁଡିକୁ ରୋଗୀ ମାନେ ପୁର୍ନବାର କିଣୁଛନ୍ତି । ଏହାଦ୍ୱାରା ଗୋଟାଏ ରୋଗୀ ଚିକିତ୍ସା ହେବା ଲାଗି ଯାହା ଖର୍ଚ୍ଚ ହେବା କଥା ତାହା ବଢିଯାଇ ତାର ପରିବାର ବର୍ଗଙ୍କୁ ନାନା ସମସ୍ୟାରେ ପକାଉଛି । ତେବେ ଡାକ୍ତରଖାନା ଭିତରକୁ ସବୁ ସମୟରେ ସବୁ ଲୋକ ଯାଇପାରିବେନି, ସେଥିଲାଗି ସୁରକ୍ଷା ବ୍ୟବସ୍ଥା ଏଠାରେ ରହିଛି, ତା ସତ୍ତ୍ୱେ କିଭଳି ଏହି ଦଲାଲ୍ ମାନେ ଡାକ୍ତରଖାନା ଭିତରକୁ ପ୍ରବେଶ କରୁଛନ୍ତି ସେନେଇ ସାଧାରଣରେ ଉଠିଛି ପ୍ରଶ୍ନ । ତା ଛଡା ଭୁବନେଶ୍ୱର କଟକର କିଛି ଘରୋଇ ଡାକ୍ତରଖାନାର ଦଲାଲ୍ ମଧ୍ୟ ଏଠାରେ ଘୁରି ବୁଲିବା ସହ କିଛି ଘରୋଇ ଆମ୍ବୁଲାନ୍ସ ବାଲାଙ୍କୁ ହାତରେ ରଖିଛନ୍ତି, ସେମାନେ ଗୁରୁତର ରୋଗୀ ମାନଙ୍କୁ ବିଭିନ୍ନ ଡାକ୍ତରଙ୍କ ମାଧ୍ୟମରେ ଏଠାରୁ ରେଫର କରି ସେହି ସବୁ ଡାକ୍ତରଖାନାକୁ ନେଇ ବେପାର ଚଳାଇଥିବା ଅଭିଯୋଗ ହେଉଛି । ବିଶେଷ କରି ଯେଉଁମାନଙ୍କର ବୀମା ସୁବିଧା ଓ ଆରଏସପିରୁ ବିଲ୍ ହେବାର ସୁବିଧା ରହିଛି ସେହି ସବୁ ରୋଗୀ ମାନଙ୍କୁ ଏମାନେ ଟାର୍ଗେଟ୍ କରୁଥିବା କୁହାଯାଉଛି । ଏହି ଡାକ୍ତରଖାନାରେ ରୋଗୀ ସେବା ଏବେ ବେପାରରେ ପରିଣତ ହୋଇଥିବା ବେଳେ ଏହାର ପାଇଖାନା ଓ ଅନ୍ୟାନ୍ୟ ସଫେଇ କାମ ମଧ୍ୟ ସଠିକ୍ ଭାବେ ହେଉନଥିବା ଅଭିଯୋଗ ହେଉଛି । ବରିଷ୍ଠ ଡାକ୍ତରମାନେ ଏଠି କିଛି ରୋଗୀଙ୍କୁ ସମୟ ଦେଉଥିବା ବେଳେ କନିଷ୍ଠ ଡାକ୍ତରମାନଙ୍କ ଉପରେ ଅନ୍ୟ ରୋଗୀ ମାନେ ଭରଷା କରୁଛନ୍ତି । ଯଦିବି କେହି ବରିଷ୍ଠ ମାନଙ୍କୁ ଅନୁରୋଧ କରୁଛି ସେମାନେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ଏତେ ସବୁ ସମସ୍ୟା ରହିଥିବା ବେଳେ ରୋଗୀ ମାନେ କାହାକୁ ଗୁହାରୀ କରି ନ୍ୟାୟ ପାଇବେ ଓ ସେବା ପାଇବେ ତାହା ଜାଣି ପାରୁନାହାନ୍ତି ।ଡାକ୍ତରଖାନା ପରିସରରେ ଜଣେ ପ୍ରଶାସନିକ ଅଧିକାରୀ ମୋଟା ଅଙ୍କର ଦରମା ନେଇ ବସିଛନ୍ତି, ତା ସତ୍ତ୍ୱେ ଏତେ ସବୁ ସମସ୍ୟା ଲାଗି ରହିବା ରୋଗୀ ସେବା ଏଭଳି ଅନୁଷ୍ଠାନରେ ବେପାର ଓ ଶୋଷଣରେ ପରିଣତ ହେବା ସେହି ପଦବୀର ଗାରିମା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ତେବେ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟସେବା ଲାଗି ଦୀର୍ଘ ଦିନରୁ ନିର୍ମାଣ ହୋଇଥିବା ଏହି ଆଇଜିଏଚର ଏଭଳି ଅବସ୍ଥା ଲାଗି କର୍ମଚାରୀ ମାନେ ଆଶା ଓ ଆଶଙ୍କା ଭିତରେ ରହିଛନ୍ତି । ସେପଟେ ରାଉରକେଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅବ୍ୟବସ୍ଥାକୁ ନଜରରେ ରଖି ଘରୋଇ ଡାକ୍ତରଖାନା ଆପୋଲୋ ହସ୍ପିଟାଲ ଆଇଜିଏଚ ପରିସରରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଦ୍ୱାରା ନିର୍ମିତ ହୋଇଥିବା କୋଠାରେ ତାର ହସ୍ପିଟାଲ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ତେବେ ରାଉରକେଲା ସହରରେ ସ୍ୱାସ୍ଥ୍ୟସେବା ଅନ୍ୟାନ୍ୟ ଘରୋଇ ଡାକ୍ତରଖାନାରେ ଯାହାବି ମିଳୁଥିଲା, ତା ଠାରୁ ଅଧିକ ସେବା ନେଇ ଲୋକେ ଭରସା କରୁଥିଲେ ଆଇଜିଏଚ ଉପରେ । ହେଲେ ଆଇଜିଏଚରେ ଏଭଳି ଅବ୍ୟବସ୍ଥା ପରେ ଆଗାମୀ ଦିନରେ ରାଉରକେଲା ବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅଧିକ ଖର୍ଚ୍ଚ ଦାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ସରକାରୀ ବସ୍‌ରେ ଗୁଳି ଫୁଟିବା ଘଟଣାରେ ସାଇଂଟିଫିକ୍ ଟିମ୍ ଓ ବମ୍ ସ୍କ୍ୱାଡ୍‌ର ତଦନ୍ତ

ଭୁବନେଶ୍ୱର, ୧୯।୫(ପି.ଏନ): କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ନିକଟରେ ସରକାରୀ ଚଳନ୍ତା ବସ୍‌ରେ ଗୁଳି ଫୁଟିବା ଘଟଣାର ବୈପାରୀଗୁଡା ପୋଲିସର ତଦନ୍ତ ଜାରି ରହିଛି । କୋରାପୁଟ ସାଇଂଟିଫିକ ଟିମ୍ ଏବଂ ବମ୍ ସ୍କାର୍ଡ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । କାଲି ରାତିରେ ବୈପାରୀଗୁଡା ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଏହି ଘଟଣା ଘଟିଥିଲା ।ଘଟଣାସ୍ଥଳରେ କୋରାପୁଟ ଏସପି ଅଭିନବ ଶଙ୍କର ଏବଂ ଜୟପୁର ଏସଡିପିଓ ପହଞ୍ଚି ବସ୍ ଷ୍ଟାଫ ଏବଂ ଯାତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ଚିତ୍ରକୋଣ୍ଡାଠାରୁ ବ୍ରହ୍ମପୁର ଯାଇଥିବା ଓଏସଆରଟିସି ଚଳନ୍ତା ବସ୍‌ରେ ଗୁଳି ଫୁଟିଥିବା ବେଳେ କୌଣସି ଯାତ୍ରୀଙ୍କ ଦେହରେ ଗୁଳି ବାଜିନାହିଁ । ବସ୍‌ର ଝରକା ଗ୍ଲାସ୍‌ରେ ଗୁଳି ବାଜିଥିବା ଚିହ୍ନ ରହିଛି । କିନ୍ତୁ ଗୁଳି କିଏ ଫୁଟାଇଛି ଏବଂ ଗୁଳି କାହିଁକି ଫୁଟିଛି କାରଣ ଅସ୍ପଷ୍ଟ ରହିଛି । ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ବୈପାରୀଗୁଡାରେ ରାତି ତମାମ ଅଟକ ରଖାଯାଇଥିବା ବେଳେ ସାଇଂଟିଫିକ୍ ଟିମ୍ ଏବଂ ବମ୍ ସ୍କାଡ୍ ତଦନ୍ତ ଆରମ୍ଭ କରିଛି ।

## ସୁପ୍ରିମକୋର୍ଟରେ ଆଉ ଦୁଇ ଜଣ ବିଚାରପତିଙ୍କୁ ଶପଥ ଗ୍ରହଣ କରାଇଲେ ମୁଖ୍ୟ ବିଚାରପତି, ବିଚାରପତିମାନଙ୍କ ସଂଖ୍ୟା ୩୪ ହେଲା

ନୂଆଦିଲ୍ଲୀ, ୧୯।୫(ପି.ଏନ): ସୁପ୍ରିମକୋର୍ଟକୁ ଆଉ ଦୁଇ ଜଣ ବିଚାରପତି ମିଳିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ୱାଇ ବି ଚନ୍ଦ୍ରଚୂଡ ଶୁକ୍ରବାର ଦିନ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଓ ଓକିଲ କେଭି ବିଶ୍ୱନାଥନଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରାଇଛନ୍ତି । ଶପଥ ଗ୍ରହଣ ସମାରୋହରେ ସମସ୍ତ ବିଚାରପତି ଓ ବହୁ ସଂଖ୍ୟାରେ ଓକିଲ ମାନେ ଉପସ୍ଥିତ ଥିଲେ ।











# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ପୁରାଣ କାହାଣୀ

## ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୨୦

# ମୋ ଜୀବନର କଳ୍ପବୃକ୍ଷ



ଅନୀତା ପଟ୍ଟନାୟକ

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାଙ୍କୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ। ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ୍ୟ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଇ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ୍ୟ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

*ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୭୯୨୯୮୦୦୨୬*

# ଗ୍ରୀଷ୍ମଋତୁରେ ନବଜାତ ଶିଶୁର ଯତ୍ନ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଗ୍ରୀଷ୍ମଋତୁରେ ନିଜର ଉଦ୍ୟାନରେ ଥିବା ଫୁଲଗଛ ଓ ଛୋଟ ଚାରାଗଛ ଗୁଡ଼ିକ ଝାଉଁଳି ପଡ଼ିବା ପରି ନବଜାତ ଶିଶୁ ଗୁଡ଼ିକ ଅତ୍ୟଧିକ ଗ୍ରୀଷ୍ମରେ ରୁଗ୍ଣ ହୋଇ ପଡ଼ିଥାନ୍ତି । ତେଣୁ ସେମାନଙ୍କର ଉପଯୁକ୍ତ ଯତ୍ନର ପ୍ରୟୋଜନ ରହିଛି । ଅତ୍ୟଧିକ ଉତ୍ତାପ ହେତୁ ଶୟନ କକ୍ଷରେ ଥାଇ ମଧ୍ୟ ଶିଶୁ ବ୍ୟସ୍ତ ହୋଇପଡ଼େ । ବୟସ୍କ ଶିଶୁମାନଙ୍କର ଦେହରୁ ଝାଳ ବାହାରି ଶରୀରକୁ ଶୀତଳ କରିବା ପଦ୍ଧତି ନବଜାତ ଶିଶୁଠାରେ ଶାରୀରିକ ଅପରିପକ୍ୱତା ହେତୁ ଦେଖାଯାଏ ନାହିଁ ତେଣୁ ଜଳ ଶୁଷ୍କତା ଦେଖାଯାଏ । ଏହା ଫଳରେ ଶରୀରର ଉତ୍ତାପ ବୃଦ୍ଧି ହୋଇଥାଏ, ଯାହାକୁ ଡିହାଇଡ୍ରେସନ ଫିଭର କୁହାଯାଏ । ତେଣୁ ଗ୍ରୀଷ୍ମ ଋତୁରେ ଜଳ ଶୁଷ୍କତା ହେତୁ ନବଜାତ ଶିଶୁକୁ ଜ୍ୱର ହୋଇପାରେ । ଛଅ ମାସରୁ କମ୍ ଶିଶୁକୁ ମା କ୍ଷୀର ବ୍ୟତୀତ, ଜଳ ପିଇବାକୁ ଦିଆଯାଏ ନାହିଁ, ଛଅ ମାସରୁ ଅଧିକ ବୟସ୍କ ଶିଶୁକୁ ଜଳ ଦିଆଯାଇପାରେ । କିନ୍ତୁ ଶିଶୁ ଗ୍ରୀଷ୍ମଋତୁରେ ଅଧିକ ଥର କ୍ଷୀର ପିଇବା ଉଚିତ । ଯେପରି ତାର ପରିସ୍ରା ଦିନରେ ସାତଥରରୁ ଅଧିକ ହେଉଥିବ । ଶିଶୁଟିକୁ ସୁତାର ଢ଼ିଲା ଜାମା ପିନ୍ଧାଯାଇପାରେ । ମୋଟା ଚିପା ଡ୍ରେସ ପିନ୍ଧାଇବା ଉଚିତ ନୁହେଁ ବାହାରକୁ ନେବା ବ୍ୟତୀତ ଘର ଭିତର ଡାଆପ୍ର ବ୍ୟବହାର କରିବା ଭଲ । ଶିଶୁମାନଙ୍କର ଶରୀର ଜଳୀୟ ଅଂଶ ଅଧିକ ରହିଥାଏ । ଶତକଡ଼ା ଅଶୀ ପ୍ରତିଶତ ଗ୍ରୀଷ୍ମଋତୁରେ ଓ୍ୟାର୍ମର କିମ୍ବା ଫଟୋଥେରାପି ବ୍ୟବହାର କରାଯାଇଥାଏ । ସେଥିପାଇଁ ଦଶ ପ୍ରତିଶତ ଅଧିକ ଜଳ ଦେବା ଉଚିତ ଯାହାକି ଅଧିକ ଥର କ୍ଷୀର ପିଆଇ କିମ୍ବା ସାଲାଇନ୍ ଆକାରରେ ଦିଆଯାଇପାରେ । ସୁସ୍ଥ ଶିଶୁକୁ ଦିନକୁ ଥରେ ଗାଧୋଇ ଦେବା ଭଲ । ଛଅ ମାସରୁ କମ୍ ଶିଶୁଙ୍କୁ କେବଳ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସାବୁନ ଲଗାଇବା ଭଲ, ଦେହରେ ବିଶେଷକରି ବେକତଳ କାଖତଳ ଓ ଅଣ୍ଟାତଳକୁ ବେବି ପାଉଡର ବ୍ୟବହାର କରାଯାଇପାରେ । ବେକତଳ ଝାଳ ଓ ଓଦା ହୋଇ ଘା ହୋଇ ଯାଇପାରେ । ଏଥିରେ ଆଣ୍ଟି ଫଙ୍ଗାଲ କ୍ରିମ କିମ୍ବା ପାଉଡର ବ୍ୟବହାର କରିବା ଉଚିତ । ନବଜାତକୁ ଖରା ସମୟରେ ବାହାରକୁ ନେବା ଉଚିତ ନୁହେଁ । ଅତି ଦରକାର ଥିଲେ ସନ୍‌ସ୍କ୍ରିନ ଲୋଶନ ମୁଖ ମଣ୍ଡଳ ବ୍ୟତୀତ ଖୋଲା ସ୍ଥାନମାନଙ୍କରେ ବ୍ୟବହାର କରାଯାଇପାରେ । ଗୃହର ପରିବେଶକୁ ଶୀତଳ ରଖିବା ଉଚିତ । ଛାତ ଉପରେ ଛଣ ପକାଇ ପଙ୍ଖା ଲଗାଇ ଏପରିକି ଷ୍ଟ୍ରମ ପରିମାଣ ଥଣ୍ଡା କରି ଏସି ଅଠେଇଶ ଡିଗ୍ରୀ ସେଲସିୟସ ଚଳାଯାଇପାରେ । ଗ୍ରୀଷ୍ମ ଋତୁରେ ଜ୍ୱର ତରଳଝାଡ଼ା, ବଥ, ଘା, ଘିମିରି, ଶ୍ୱାସପଥ ସଂକ୍ରମଣ, ଚର୍ମ ରୋଗ ଶିଶୁମାନଙ୍କ ଠାରେ ଅଧିକ ଦେଖାଯାଇଥାଏ । ମ୍ୟାଲେରିଆ, ଚିକେନଗୁନିଆ, ଡେଙ୍ଗୁ ଦେଖାଯାଇଥାଏ । ମଶାରୀ ବ୍ୟବହାର ଅତ୍ୟନ୍ତ ଜରୁରୀ । ଜଳ ଶୁଷ୍କତା ଓ ଅଂଶୁଘାତ ରୋଗ ମଧ୍ୟ ଏହି ସମୟରେ ଅତି ସାଂଘାତିକ ରୋଗ । ତେଣୁ ଶିଶୁ ଅଧିକ ଖରା ସମୟରେ ବାହାରକୁ ଆଣିବା ଅନୁଚିତ । ଗ୍ରୀଷ୍ମଋତୁରେ ଶିଶୁକୁ ଏନ୍ତୁଡ଼ି ନିଆଁରେ ସେକିବା ଉଚିତ ନୁହେଁ । ଶିଶୁକୁ ଠିକ୍ ଭାବେ ନଖାଇଲେ, ଶରୀର ଉତ୍ତାପ ସଇଁତିରିଶ ଡିଗ୍ରୀ ସେଲସିୟସରୁ ଅଧିକ ରହିଲେ, ଶିଶୁର ପିହୁଳ ମାରିଲେ କିମ୍ବା ନିସ୍ତେଜ ରହିଲେ କିମ୍ବା ଝାଡ଼ାରେ ରକ୍ତ ପଡ଼ିଲେ ଶୀଘ୍ର ଶିଶୁରୋଗ ବିଶେଷଜ୍ଞଙ୍କୁ ଦେଖାଇବା ଉଚିତ । ବାସ୍ତବ କଥା ହେଉଛି ଗ୍ରୀଷ୍ମ ଦିନ ହୋଇଥିଲେ ବି ନବଜାତ ଶିଶୁଟିର ପିତାମାତା ବା ତା'ପରିବାରର ଲୋକେ ସଚେତନ ହୋଇ କୁନି ପିଲାଟିର ସ୍ୱାସ୍ଥ୍ୟର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଲେ ପିଲାଟିର କୌଣସି ରୋଗ ବା କ୍ଷତି ହେବନାହିଁ । ଅନେକ ସମୟରେ ଦେଖାଯାଏ ନବଜାତ ଶିଶୁର ଦେହ ଖରାପ ହେବା ମାତ୍ରେ ସର୍ବପ୍ରଥମ ଶିଶୁରୋଗ ବିଶେଷଜ୍ଞଙ୍କୁ ପରାମର୍ଶ ନକରି କାନକୁହା କଥା ଶୁଣି ଟୁଟୁକା ଟୁଟୁକି ବା ଘରୋଇ ଚିକିତ୍ସା ଆରମ୍ଭ କରିଦେଇଥାନ୍ତି । ତେବେ ପରବର୍ତ୍ତୀ ସମୟରେ ପିଲାଟି ପାଇଁ ଏହା କ୍ଷତିକାରକ ସାବ୍ୟସ୍ତ ହୋଇ ଶିଶୁରୋଗ ବିଶେଷଜ୍ଞଙ୍କ ପାଖକୁ ପହଞ୍ଚିଲାବେଳକୁ ପିଲାଟିର ଦେହ ଅଧିକ ବିଗିଡ଼ିଯାଇପାରେ । ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପିଲାଟି ତା ମାଆର ଗର୍ଭରେ ଭୂମିଷ୍ଠ ହେବା ପରଠାରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ବିଭିନ୍ନ ସହାୟକ ଓ ସହଯୋଗୀ ସୁବିଧାର ସୁବ୍ୟବସ୍ଥା ହୋଇଛି । ନିପଟ ମଫସଲର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ବା ରାଜ୍ୟର ବଡ଼ ମେଡ଼ିକାଲ ଏହାସହ ଶିଶୁରୋଗ ପାଇଁ ସବୁଠାରୁ ଅଧିକ ଉପଲବ୍ଧ ବ୍ୟବସ୍ଥା ଥିବା ଶିଶୁଭବନରେ ସରକାର ସମସ୍ତ ପ୍ରକାର ଶିଶୁ ଚିକିତ୍ସାର ପ୍ରାଥମିକ ପରୀକ୍ଷା ଠାରୁ, ପରାମର୍ଶ ବିନା ମୂଲ୍ୟରେ ଔଷଧ ବିତରଣ ସହ ଏପରିକି ଆବଶ୍ୟକ ହେଲେ ସର୍ଜରୀର ସୁବନ୍ଦୋବସ୍ତ ରହିଛି । ଏହାର ଫାଇଦା ନିତ୍ୟାନ୍ତ ନେବା ଜରୁରୀ । ହଁ, ଗ୍ରୀଷ୍ମ ଦିନେ ପିଲାଟି ପାଇଁ ସବୁଠାରୁ ବଡ଼କଥା ହେଉଛି ପିଲାଟିକୁ ଅତ୍ୟଧିକ ଗରମ ହେଉଥିବା ଘରେ ରଖନ୍ତୁ ନାହିଁ କିମ୍ବା ଶୀତତାପ ନିୟନ୍ତ୍ରିତ ଥିବା କୋଠରୀରେ ଅଧିକ ସମୟ ରଖନ୍ତୁ ନାହିଁ । ଏ କ୍ଷେତ୍ରରେ ଶିଶୁରୋଗ ବିଶେଷଜ୍ଞଙ୍କ ସମସ୍ତ ପରାମର୍ଶକୁ ଟିକିନିଖି ଭାବରେ ପାଳନ କରିବା ନିତ୍ୟାନ୍ତ ଜରୁରୀ । ନବଜାତ ଶିଶୁଟିର ଆର୍ବିଭାବ ଘରର ସମସ୍ତଙ୍କ ପାଇଁ ଆନନ୍ଦ ଓ ଉଲ୍ଲାସର ମହୋତ୍ସବ ସୃଷ୍ଟି କରିଥାଏ କିନ୍ତୁ ଆପଣମାନଙ୍କ ସାମାନ୍ୟ ଭୁଲ ବା ତ୍ରୁଟି ପାଇଁ ସେହି ଖୁସିରେ ଯେପରି କୌଣସି ବାଧା ନଆସେ ଏହାକୁ ସମସ୍ତେ ଚିନ୍ତା କଲେ ଦେଖିବେ ନବଜାତ ପିଲାଟିକୁ ନେଇ ଆପଣଙ୍କ ଖୁସି ବରଂ ଆହୁରି ବଢ଼ିଚାଲିବ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ଏବେ ମଧ୍ୟ ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ



ଡ .ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶ ମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ। ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି । ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି – ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ କୌଣସି ତଥ୍ୟ – ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି । ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ। ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତ୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟାଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି ।"

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଦ୍ଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଦ୍ଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା ।

ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ପାଇକ ବିଦ୍ରୋହର କର୍ଣ୍ଣଧାର:ବକ୍‌ସି ଜଗବନ୍ଧୁ



ଉମାଶଙ୍କର ପ୍ରସାଦ

ଐତିହାସିକ ପାଇକମାଟି ଖୋର୍ଦ୍ଧା ଅନେକ ଦୁଃଖ, ଯନ୍ତ୍ରଣା ଓ ଗୌରବକୁ ନେଇ ମୁଣ୍ଡଟେକି ଛି ଯଦିଓ ୧୮୫୭ ମସିହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକମାନେ ମ ଦିଅନ୍ତି । ମାତ୍ର ଏହାର ଚାରି ଦଶନ୍ଧି ପୂର୍ବ ଅର୍ଥାତ ୧୮୧୭ ମସିହାରେ ବୀରମାଟି ଖୋର୍ଦ୍ଧାର ଇଂରେଜ ବିରୁଦ୍ଧରେ ଯେଉଁ ତୂର୍ଯ୍ୟନାଦ ଶୁଭିଲା ତାହା ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ନାମରେ ଖ୍ୟାତି ଲାଭ କରିଛି । ଏହି ବିଦ୍ରୋହରେ ପାଇକମାନଙ୍କର କର୍ଣ୍ଣଧାର ସାଜି ବକ୍‌ସି ଜଗବନ୍ଧୁ ଓ ପିଣ୍ଡିକି ବାହୁବଳେନ୍ଦ୍ର ଯେପରି ଜୀବନ ଦେଇଥିଲେ ତାହା ବାସ୍ତବରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇ ରହିଛି । ଗଜପତି ମୁକୁନ୍ଦଦେବଙ୍କ ସୁପ୍ରିମ କମାଣ୍ଡର ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର ଥିଲେ ରକ୍ତ ରଞ୍ଜିତ ଓଡ଼ିଶାର ଅଦ୍ୱିତୀୟ ଶହିଦ୍ । ଏହି ବିପ୍ଳବୀ ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ୧୭୭୯ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ଖୋରଧା ରାଜାଙ୍କ ବଂଶାନୁକ୍ରମିକ ସେନାପତି ଥିଲେ । ତାଙ୍କର "ବିଦ୍ୟାଧର" ପଦବୀରୁ ସେ ଭୋଇ ରାଜବଂଶୀୟ ହୋଇଥିବାର ଜଣାଯାଏ । ଘୁମୁସୁର ଓ ସେରଗଡ଼ ରାଜାଙ୍କ ସହିତ ତାଙ୍କର ବୈବାହିକ ସମ୍ପର୍କ ଥିଲା । ଜଗବନ୍ଧୁ ଅତ୍ୟନ୍ତ ବଳିଷ୍ଠ ସ୍ୱାସ୍ଥ୍ୟବାନ ଓ ସୁନ୍ଦର ଥିଲେ । ତାଙ୍କର ବିଶାଳ ବପୁ ଦୀର୍ଘକାର ଶରୀର ସମସ୍ତଙ୍କୁ ଆକର୍ଷିତ କରୁଥିଲା । କିମ୍ବଦନ୍ତୀ ଅନୁସାରେ ଖୋରଧାରେ ଏକ ମନ୍ଦିର ପାଖରେ ପଡ଼ିଥିବା ଏକ ବିରାଟ ପଥରକୁ ସେ ପ୍ରତ୍ୟେହ ତଳୁ ଉଠାଇ ଛତି କରୁଥିଲେ ଏବଂ ସ୍ନାନକୁ ଯିବା ପୂର୍ବରୁ ନେଡ଼ିଏ ସୋରିଷ ତେଲ ନିଜର ସର୍ବାଙ୍ଗ ଶରୀରରେ ମାଲିସ୍ କରି ଉକ୍ତ ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ଗାଧୁଆ ତୁଠ ପର୍ଯ୍ୟନ୍ତ ନେଉଥିଲେ ଏବଂ ସ୍ନାନ ସାରି ପୁଣି ଗଡ଼ାଇ ଗଡ଼ାଇ ଆଣୁଥିଲେ । ୧୮୦୩ ମସିହାରେ ଇଂରେଜମାନେ ଖୋରଧା ଅଧିକାର କରିବା ପରେ ଏହାକୁ ଖାସମାହାଲରେ ପରିଣତ କରିବା ସହ ଏହାର ପରିଚାଳନା ଭାର ମେଜର ଫ୍ଲେଚରଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । ୧୮୦୪ରେ ପ୍ରଥମ ବନ୍ଦୋବସ୍ତ ଆରମ୍ଭ ହୋଇଥିଲା ଏବଂ ଖୋରଧାର ପ୍ରଥମ ତହସିଲଦାର ଭାବେ ଗୋଲାମ କାଦିରଙ୍କ ଦ୍ୱାରା ଏହି କାର୍ଯ୍ୟ ଶେଷ ହୋଇଥିଲା । ୧୮୦୫ ମସିହା ଠାରୁ ଆରମ୍ଭ କରି ୧୮୧୬ ମସିହା ଭିତରେ ଘନ ଘନ ବନ୍ଦୋବସ୍ତ ଫଳରେ ଜମାର ବୃଦ୍ଧି ପାଇବାରୁ ଖୋରଧାର ଅଧିବାସୀ ଅତିଷ୍ଠ ହୋଇପଡ଼ିଥିଲେ । ରାଜସ୍ୱ ଆଦାୟ ପ୍ରଣାଳୀ ମଧ୍ୟ ତୃଟିପୂର୍ଣ୍ଣ ଥିଲା । ଇଂରେଜମାନେ ପ୍ରତ୍ୟେକ୍ଷ ଭାବେ ଖଜଣା ଆଦାୟ ନକରି ମୁସ୍ତାଦାରୀ ପ୍ରଥାରେ ଖଜଣା ଆଦାୟ କରୁଥିଲେ । ଏଥିପାଇଁ ପ୍ରକାଶ୍ୟ ନିଲାମରେ ଜମିଦାରମାନେ ନିଯୁକ୍ତ ହୋଇ ପ୍ରଜାମାନଙ୍କ ଠାରୁ ଖଜଣା ଆଦାୟ କରି ସରକାରଙ୍କ ପାଖରେ ପଇଠ କରୁଥିଲେ । ଓଡ଼ିଶାର ପୁରାତନ ଜମିଦାରମାନେ ମଧ ଇଂରେଜ ଶାସନରେ ନ୍ୟାୟ ପାଉନଥିଲେ । ଏହି ସମୟରେ ବଙ୍ଗାଳୀମାନଙ୍କର ପ୍ରାଧାନ୍ୟ ଅନେକ ଥିଲା । ଏବଂ ସେମାନଙ୍କର କୋର୍ଟ କଚେରୀରେ ହେରଫେର ଯୋଗୁ ଓଡ଼ିଆ ଜମିଦାରମାନେ ନିଲାମ ଧରିବାରୁ ବଂଚିତ ହେଉଥିଲେ । ପ୍ରଥମ ବନ୍ଦୋବସ୍ତରେ ଓଡ଼ିଆ ଜମିଦାରଙ୍କ ସଂଖ୍ୟା ୨୩୪୦ ଥିବାବେଳେ ତାହା ୧୮୧୬ ମସିହା ଶେଷ ଆଡ଼କୁ ୧୪୪୯କୁ ଖସି ଆସିଥିଲା । ଖୋରଧାରେ ଇଂରେଜ ଶାସନ ଆରମ୍ଭରେ ସମସ୍ତ କର୍ମଚାରୀ ଅଣଓଡ଼ିଆ ଥିଲେ ଏବଂ ଖୋରଧାର ପ୍ରଥମ ଦାରୋଗା ଥିଲେ ମିର୍ଜା ମେହେଦି ଏବଂ ଏହାର ରାଜସ୍ୱ ଆଦାୟ ପ୍ରଥମେ ବଙ୍ଗଳାର ଶ୍ୟାମାନନ୍ଦ ରାୟଙ୍କ ହସ୍ତରେ ନ୍ୟସ୍ତ ଥିଲା । ୧୮୦୪ ରୁ ୧୮୧୦ ମସିହା ପର୍ଯ୍ୟନ୍ତ ପୁରୀର ତହସିଲଦାର ଥିଲେ ଗୌରହରି ଏବଂ ଚନ୍ଦ୍ରପ୍ରସାଦ ଥିଲେ ସିରସ୍ତାଦାର । ମୌଲବୀ ସାଲିମ୍ ଅଲ୍ଲି ସିରସ୍ତାଦାର ଥାଇ ଅବୈଧ ଉପାୟରେ ୧୭ ହଜାର ଟଙ୍କା ଆଦାୟ କରିଥିଲେ । ପିପିଲିର ଦାରୋଗା ମିର୍ଜା ମେହଦିଙ୍କ ନାମରେ ଅଭିଯୋଗ ଫଳରେ ତତ୍କାଳୀନ ଜିଲ୍ଲାପାଳ ସେଜ୍ ତାହାଙ୍କୁ ସ୍ଥାନାନ୍ତର କରି ଖୋରଧାକୁ ଆଣିଥିଲେ । କିନ୍ତୁ ତାଙ୍କର କୌଣସି ପରିବର୍ତ୍ତନ ହୋଇନଥିଲା । ଅବୈଧ ଉପାରେ ସେ ବହୁ ଅର୍ଥ ସଂଗ୍ରହ କରି ବହୁ ଜମିଦାରୀ ନିଲାମ କ୍ରୟ କରି ବିନା ପାରିଶ୍ରମିକରେ ଲୋକଙ୍କୁ ଖଟାଉଥିଲେ । ଏଭଳି ଜଘନ୍ୟ କାର୍ଯ୍ୟରେ ଅତିଷ୍ଠ ହୋଇଥିବା ବିଦ୍ରୋହୀମାନେ ତାଙ୍କ ଘରେ ନିଆଁ ଲଗାଇ ଦେବା ଫଳରେ ୫୦ ହଜାର ଟଙ୍କାର ସମ୍ପତ୍ତି ଧ୍ୱଂସ ହୋଇ ଯାଇଥିଲା । ପରେ ପରେ ବ୍ରିଟିଶ ସରକାର ମଧ ପାଇକମାନଙ୍କ ଠାରୁ ଖଜଣା ଆଦାୟ ବ୍ୟବସ୍ଥା ଆରମ୍ଭ କଲେ । ହିନ୍ଦୁ ରାଜାମାନଙ୍କ ସମୟରେ ଖୋରଧା କେତେ ଗୁଡ଼ିଏ ମହଲାରେ ବିଭକ୍ତ ହୋଇଥିଲା । ସେହି ମହଲାମାନଙ୍କର ମୁଖ୍ୟମାନଙ୍କୁ ଦଳାଇ ଦଳବେହେରା କୁହାଯାଉଥିଲା । ସେମାନେ ବେତନ ପରିବର୍ତ୍ତେ ନିଷ୍କର ଜମି ଭୋଗ ଦଖଲ କରୁଥିଲେ । ଜମି ଚାଷ ପାଇଁ ସେମାନଙ୍କୁ କର ଦେବାକୁ ପଡୁନଥିଲା । ଏହି ବ୍ୟବସ୍ଥାକୁ ଇଂରେଜମାନେ ପରିବର୍ତ୍ତନ କରିଥିଲେ । ଏବଂ ସେମାନଙ୍କ ସେନାବାହିନୀ ପାଇଁ ପାଇକମାନଙ୍କୁ ଅଯୋଗ୍ୟ ଘୋଷଣା କରି ସେମାନଙ୍କ ଉପରେ ମନଇଚ୍ଛା ଖଜଣା ଲାଗୁ କରିଥିଲେ । ଫଳରେ ଏହି ଦଳାଇ, ଦଳବେହେରା ଓ ପାଇକମାନେ ଖଜଣା ଦେବାକୁ ଅସମର୍ଥ ହେବା ସହ ନିଜର ଜାଗିର୍ ହରାଇଲେ । ୮୭୩ ଜଣ ଏହିପରି ଭାବରେ ନିଜର ଜାଗିର୍ ହରାଇଥିଲେ । ଏବଂ ସମସ୍ତ ପାଇକଗଣ ୧୮୧୭ ମସିହାରେ ପାଇକ ବିଦ୍ରୋହରେ ଯୋଗ ଦେଲେ । ଏକ ସମୟରେ କୃଷକମାନଙ୍କର ଦୁର୍ଦ୍ଦଶା, କଉଡ଼ି ମୂଲ୍ୟ ହ୍ରାସ, ଏକ ଚାଟିଆ ଲୁଣ ବ୍ୟବସାୟ ଓ ମୂଲ୍ୟ ବୃଦ୍ଧି ଯୋଗୁ ଜନସାଧାରଣ ଏବଂ ଖୋରଧାର ଦୁଃଖ ଦୁର୍ଦ୍ଦଶା ବିଷୟରେ ବକ୍‌ସି ନିଜେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ଫଳ କିଛି ହୋଇନଥିଲା । କରଭାର, ଅଭାବ, ଅତ୍ୟାଚାର, ଶୋଷଣ ଯେତେବେଳେ ଶେଷ ସୀମାରେ ପହଁଚିଲା, ସେତେବେଳେ ସମସ୍ତ ପାଇକ ଗଣ ବିଦ୍ରୋହ ଅଗ୍ନିରେ ଝାସ ଦେଲେ, ଯାହାର ନେତୃତ୍ୱ ନେଇଥିଲେ ବକ୍‌ସି ଜଗବନ୍ଧୁ । ଇଂରେଜମାନଙ୍କର ଏହି ସମୟରେ ରୋଡ଼ଙ୍ଗ ଉପରେ ଲୋଲୁପ ଦୃଷ୍ଟି ପଡ଼ିଥିଲା । ମାତ୍ର ୧୮୦୪ ଓ ୦୫ ରେ ହୋଇଥିବା ବନ୍ଦୋବସ୍ତ ସମୟରେ ଜଗବନ୍ଧୁ ଲିମ୍ବାଇ, ରାହାଙ୍ଗା, ସେରାଇ ଓ ଚବିଶିକୁଦ ପ୍ରଗଣାଗୁଡ଼ିକୁ ଜାଗିର ଜମି ବୋଲି ଦାବି କରୁଥିଲେ । ମାତ୍ର ମେଜର ଫ୍ଲେଚର ଏହି ଦାବିକୁ ପ୍ରତ୍ୟାଖାନ କରିଥିଲେ । ୧୮୦୫ ରେ ଓ୍ୱେବ ପୁରୀର ଜିଲ୍ଲାପାଳ ହେଲେ ଏବଂ ତାଙ୍କର ସିରସ୍ତାଦାର ଭାବେ ଚନ୍ଦ୍ର ପ୍ରସାଦ ସିଂହ ନିଯୁକ୍ତ ହେଲେ । ତାଙ୍କର ଭାଇ ଗୌରହରି ପୁରୀର ତହସିଲଦାର ପଦରେ ୧୮୧୦ ମସିହା ପର୍ଯ୍ୟନ୍ତ ରହିଥିଲେ । ଜଗବନ୍ଧୁ ଭୋଗ କରି ଆସୁଥିବା ରୋଡ଼ଙ୍ଗ ଜମିଦାରୀ ଉପରେ ତାଙ୍କ ବିଦ୍ରୋହୀମାନଙ୍କର ଦୃଷ୍ଟି ପଡ଼ିଥିଲା । ତହସିଲଦାର ଗୌରହରି ସିଂହ ଓ ସିରସ୍ତାଦାର ଚନ୍ଦ୍ର ପ୍ରସାଦ ସିଂହ ଉଭୟେ ଜଗବନ୍ଧୁଙ୍କ ଶତ୍ରୁ କୃଷ୍ଣ ଚନ୍ଦ୍ରଙ୍କର ଆମୀୟ ଥିଲେ । ଷଡ଼ଯନ୍ତ୍ର କରି ରୋଡ଼ଙ୍ଗ ଜମିଦାରୀ ଖଜଣାକୁ ଜିଲ୍ଲାପାଳଙ୍କ ରାଜକୋଷରେ ଦାଖଲ ନକରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପରାମର୍ଶ ଦେଇ ରାହାଙ୍ଗା ପ୍ରଗଣା ଓଗେରକୁ ନିଜ କବଳକୁ ନେଇଥିଲେ । ଏକଥା ଜଗବନ୍ଧୁ ଜାଣିପାରି ନଥିଲେ । ଯେତେବେଳେ ଜାଣିଲେ ତାହା ବିରୁଦ୍ଧରେ ସ୍ୱର ଉତୋଳନ କରିବା ଫଳରେ ଏକ ମକଦ୍ଦମାରେ ଜଗବନ୍ଧୁଙ୍କ ଦାଦା ପୁଅ ଭାଇ ଗଦାଧର ଓ ଜଗବନ୍ଧୁଙ୍କ ଭିତରେ ରୋଡ଼ଙ୍ଗ ଜମିଦାରୀକୁ ଜଗବନ୍ଧୁଙ୍କୁ ୧୦ ଅଣା ଓ ଗଦାଧରଙ୍କୁ ୬ ଅଣା ପାଇବାର ସ୍ଥିର ହେଲା । ୧୮୧୩ ରେଗୁଲେସନ୍ ଅନୁଯାୟୀ କୃଷ୍ଣଚନ୍ଦ୍ର ରାହାଙ୍ଗା ଓଗେର ଜମିଦାରି ସତ୍ୱର ନବୀକରଣ କଲେ ଏବଂ ପରେ ଯେତେବେଳେ ରୋଡ଼ଙ୍ଗ ଦଖଲ କରିବାକୁ ବସିଲେ, ବକ୍‌ସି ଜଗବନ୍ଧୁ ରିଚାର୍ଡ଼ଙ୍କ ପାଖରେ ଆପି କରିଥିଲେ ଏବଂ ରିଚାର୍ଡ଼ ଏହି ଦାବୀକୁ ସମର୍ଥନ କରିବା ସହ ରୋଡ଼ଙ୍ଗ ଏକ ପୃଥକ ଜମିଦାରୀ ଓ ଏହା ରାହାଙ୍ଗ ଅନ୍ତର୍ଭୁକ୍ତ ହେବା ଅନ୍ୟାୟ ଓ ଅବୈଧ ବୋଲି ମତ ଦେଲେ । ଏବଂ ରୋଡ଼ଙ୍ଗ ଜମିଦାରୀକୁ ଜଗବନ୍ଧୁଙ୍କୁ ଫେରାଇ ଦେବା ପାଇଁ ପ୍ରସ୍ତାବ ଦେଲେ । କିନ୍ତୁ କୁଚକ୍ରି ବଙ୍ଗାଳୀ ଗୋଷ୍ଠି ଏହା କରାଇଦେଲେ ନାହିଁ । ଏବଂ ରେଭିନ୍ୟୁ ବୋର୍ଡ଼ରେ ତାଙ୍କର ସତ୍ୱ ଅଦାଲତରେ ସାବ୍ୟସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । କୋର୍ଟ କଚେରୀକୁ ଧାଇଁ ଧାଇଁ ମକଦ୍ଦମା ଖର୍ଚ୍ଚ ଲାଗି ବକ୍‌ସିଙ୍କ ପାଖରେ ପଇସା ନଥିଲା । ଏହି ମାନସିକ ଯନ୍ତ୍ରଣା ସହିତ ନିଜ ଜମିଦାରୀ, ନିଜ ମାତୃଭୂମି ଓ ଓଡ଼ିଶାର ସ୍ୱାଭିମାନ ଯେତେବେଳେ ଧୂଳିସାତ ହୋଇଗଲା, ତାଙ୍କ ମନରେ ବିଦ୍ରୋହର ବହ୍ନି ଜଳି ଉଠିଲା । ସୁପ୍ତ ବ୍ୟାଘ୍ର ଜାଗ୍ରତ ହେଲା । ରଥିପୁର ଗାଁ ଭିତରେ ମୌଡ଼ମରା ଘର, କୁଦିଆରୀର ଜମିଦାର ଚରଣ ପଟ୍ଟନାୟକ ବକ୍ସିଙ୍କର ବିଦ୍ରୋହି ଥିଲେ ଏବଂ ସେ ତାଙ୍କର ପିଣ୍ଡା ଉପରେ ବସି ବକ୍ସିଙ୍କୁ କିପରି ନାଗଫାଶରେ ପକାଇବେ ସେ ବ୍ୟୁହ ରଚନା କରୁଥିଲେ । ହଠାତ୍ ଏହି ସମୟରେ ବିପ୍ଳବୀ ଶଙ୍ଖି ପଟ୍ଟନାୟକଙ୍କର ଧାରୁଆ ଫାର୍ସା ଚୋଟରେ ଦେଶଦ୍ରୋହୀ ଚରଣ ପଟ୍ଟନାୟକଙ୍କ ଅନ୍ତ ହୋଇଗଲା । ୧୮୧୭ ଅପ୍ରେଲ ୯ ତାରିଖରେ ବକ୍ସିଙ୍କ ପରିଚାଳିତ ବିଦ୍ରୋହୀ ପାଇକ କୂଳ ଶ୍ରୀକ୍ଷେତ୍ରରେ ପଶି ଇଂରେଜ ଅଫିସରଙ୍କ ଉପରେ ଆକ୍ରମଣ କରିଦେଇ ପୁରୀକୁ ସ୍ୱାଧୀନ କରିଥିଲେ । ଏହା ପୂର୍ବରୁ ୧୮୧୭ ମାର୍ଚ୍ଚ ଶେଷ ସପ୍ତାହ ଆଡ଼କୁ ଚାରି ଶହ କନ୍ଧ ବାଣପୁର ଅଂଚଳକୁ ଆସି ଲୁଟ୍‌ତରାଜ କଲେ । ଏହି ସୁଯୋଗରେ ଖୋରଧାର ସଂଗଠିତ ପାଇକମାନେ ଅବିଳମ୍ବେ ବାଣପୁର ଅଂଚଳକୁ ଯାଇ କନ୍ଧମାନଙ୍କ ସହ ଯୋଗଦେଲେ ଏବଂ ସରକାରୀ ତହବିଲରୁ ୧୫ ହଜାର ଟଙ୍କା ଲୁଟି ନେଇଥିଲେ । ଏମାନଙ୍କ ଭୟରେ ଇଂରେଜମାନେ ଅଫିସ ଛାଡ଼ି ପଳାଇଥିଲେ । ଏହି ବିଦ୍ରୋହ ଫଂଚଗଡ଼କୁ ବ୍ୟାପିଥିଲା । ସେ ସମୟରେ ସମ୍ବଲପୁର ରାଣୀ ମୁକ୍ତାଦେଇ ଫଂଚଗଡ଼ରେ ରହୁଥିଲେ । ଏବଂ ପ୍ରଜାମାନେ ସେଠାରେ ବହୁତ ନିଷ୍ପେଷିତ ହେଉଥିଲେ । ଜଗବନ୍ଧୁ ବିଦ୍ରୋହୀମାନଙ୍କ ସହ ମୁକ୍ତାଦେଇ ଓ ଦେଓ୍ୱାନଙ୍କ ଗୃହରେ ଅଗ୍ନିସଂଯୋଗ କରିଦେଲେ । ଏହି ଖବର କଟକରେ ଅବିଳମ୍ବେ ପହଂଚିଲା ପରେ ଲେପ୍ଟନାଂଟ୍ ଫ୍ରାଇଡ୍‌ଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ସାମରିକ ସୈନ୍ୟ ଖୋରଧା ଅଭିମୁଖେ ଏବଂ ଆଉ ଦଳେ ସୈନ୍ୟ ପେରିସ୍‌ଙ୍କ ନେତୃତ୍ୱରେ ପିପିଲି ଓ ଲିମ୍ବାଇ ଯାଇଥିଲେ । ବିଦ୍ରୋହିମାନେ ଏଖବର ପାଇ କାଠପଥର ଓ ଢ଼ିମା ପକାଇ ରାସ୍ତା ବନ୍ଦ କରିଦେଇଥିଲେ । ଏବଂ ଇମ୍ପେଙ୍କ ସୈନ୍ୟ ସେଠାରେ ପହଁଚିବା ମାତ୍ରେ ବିଦ୍ରୋହୀମାନେ ଗୁଳି ଚଳାଇଲେ । ଫଳରେ ଇମ୍ପେଙ୍କୁ ସେଠାରେ ରହିବାକୁ ପଡ଼ିଥିଲା । ମାତ୍ର ଖାଦ୍ୟ ଅନାଟନ ଯୋଗୁ ସମସ୍ତ ଇଂରେଜମାନେ କଟକ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହିପରି ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ର ତଥା ପୁରୀ, ଗୋପ, ପଟାମୁଣ୍ଡାଇ, କୁଜଙ୍ଗ, ବାଲେଶ୍ୱର ଅଂଚଳରେ ବିଦ୍ରେହର ବହ୍ନି ଜଳିଥିଲା । ପିଣ୍ଡିକୀ ବାହୁବଳେନ୍ଦ୍ର ବକ୍ସିଙ୍କର ପ୍ରଧାନ ସହଯୋଗି ଥିଲେ । ତାଙ୍କର ବାଲ୍ୟବନ୍ଧୁ ଥିଲେ ମଳିପଡ଼ାର ଜମିଦାର ଧ୍ରୁବଜୟ ହରିଚନ୍ଦନ । ବ୍ରିଟିଶ ସରକାର ତାଙ୍କ ଉପରେ ଚାପ ପକାଇଥିଲେ ପିଣ୍ଡିକୀଙ୍କୁ ଧରାଇଦେବା ପାଇଁ । ପ୍ରଥମେ ଯଦିଓ ସେ ରାଜି ହୋଇନଥିଲେ, ମାତ୍ର ପରିସ୍ଥିତିର ତାଡ଼ନାରେ ସେ ନିଜର ବନ୍ଧୁଙ୍କୁ ନିମନ୍ତ୍ରଣ କରିଥିଲେ । ଏକଥା ଥୋମାସ୍ ଆଗରୁ ଜାଣି ଦଳବଳ ସହ ପ୍ରସ୍ତୁତ ଥିଲେ । ଫଳରେ ପିଣ୍ଡିକୀ ଧରାପଡ଼ି ବନ୍ଦି ହେଲେ । ବନ୍ଦୀଗୃହରେ ତାଙ୍କ ଗୋଡ଼ରେ ସିକୁଳୀ ଲାଗିଥିଲେ ମଧ ହାତ ଦୁଇଟି ଖୋଲା ଥିଲା । ଦିନେ ସେ ତରବାରୀ ସାହାଯ୍ୟରେ ବେଡ଼ି ଖୋଲି ମାଠିଆ ସାହାଯ୍ୟରେ କାଠ ଯୋଡ଼ି ପାର ହୋଇ ବାରଙ୍ଗ ପଳାଇଥିଲେ । ମାତ୍ର ପଛରୁ ଇଂରେଜମାନଙ୍କର ଘନ ଘନ ଗୁଳି ବର୍ଷଣ ସତ୍ୱେ ଚାରୋଟି ଗୋଳାକୁ ହାତରେ ଧରି ପକାଇଥିଲେ ମଧ ପରିଶେଷରେ ତାଙ୍କ ଜୀବନ ପ୍ରଦୀପ ନିର୍ବାପିତ ହୋଇପଡ଼ିଥିଲା । ମାତ୍ର ଇଂରାଜୀମାନଙ୍କ ସତ ଚେଷ୍ଟା ସତ୍ୱେ ବକ୍ସି ଓ ତାଙ୍କ ସହଯୋଗୀ କୃଷ୍ଣ ଚନ୍ଦ୍ର ଧରାପଡ଼ି ନଥିଲେ । ୧୮୨୪ ମସିହାର ଶେଷ ଭାଗରେ ଜଏଂଟ୍ ମାଜିଷ୍ଟ୍ରେଟ୍ ଉଇଲ୍‌କିନ୍‌ସନ ନିଜେ ନୟାଗଡ଼ ଯାଇ ରାଜାଙ୍କୁ ଭେଟି ଧମକ ଦେଇଥିଲେ । ଜଗବନ୍ଧୁ ଯଦି ଆତ୍ମସମର୍ପଣ ନକରନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନୟାଗଡ଼ ରାଜା ଥିଲେ ବକ୍ସିଙ୍କର ଅତ୍ୟନ୍ତ ହିତାକାଂକ୍ଷୀ । ନିଜର ହିତାକାଂକ୍ଷୀ ରାଜାଙ୍କ କୌଣସି କ୍ଷତି ନଘଟୁ ଏହାକୁ ଦୃଷ୍ଟିରେ ରଖି ଜଗବନ୍ଧୁ ଶେଷରେ ଆତ୍ମସମର୍ପଣ କଲେ । ଜଗବନ୍ଧୁଙ୍କ ସସମ୍ମାନାର୍ଥେ ହସ୍ତୀ ପୃଷ୍ଠରେ ବସାଇ ତାଙ୍କୁ କଟକ ଅଣାଯାଇ ନଜର ବନ୍ଦୀରେ ରଖାଗଲା । ନଜର ବନ୍ଦୀରେ ୩ବର୍ଷ ୮ମାସ ରହିବା ପରେ ୧୮୨୯ ମସିହା ୨୪ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଲୁହାର ମଣିଷ ଥିଲେ ବକ୍ସି । ଏହି ମହାନ୍ ଆତ୍ମାର ଅବସାନରେ ଉତ୍କଳ ଜନନୀର ଆଖିରୁ ଦୁଇ ଟୋପା ଲୁହ ଝରି ପଡ଼ିଥିଲା । ଏହି ମା'ମାଟି ପାଇଁ ବିଦେଶୀ ଶାସକମାନଙ୍କୁ ହଟାଇ ଦେବାକୁ ଦୁର୍ଗମ ବଣଜଙ୍ଗଲ ମଧ୍ୟରେ ସେ ଯେଉଁ କଷ୍ଟ ସାଧ ସଂଗ୍ରାମ କରିଥିଲେ ବାସ୍ତବିକ ତାହା ଏକ ମହାନ୍ କ୍ରାନ୍ତିକାରୀ ସହ ଓଡ଼ିଶା ଇତିହାସରେ ଅବିସ୍ମରଣୀୟ ହୋଇ ରହିବ ।

*ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା*




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଡଲାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବିର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି। ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଡଲାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।



**ଲକ୍ଷଣ :**

- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡେନିଂ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେନିଂ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା –**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି



କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ–**

ଯଦିଓ ରୁଫଟପ୍ ଗାର୍ଡେନିଂ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡେନିଂରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡେନିଂରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡେନିଂଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ ବ୍ୟବହାର କରିପାରିବା।

# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଢ଼ାଞ୍ଚାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

**ଇଂ ଅଭୟ ସୂତାର**

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# ଗ୍ରୀଷ୍ମ ପ୍ରବାହ ଓ ବଙ୍ଗୋସାଗରରେ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାକୁ ପ୍ରତିହତ କରିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି,(ପି.ଏନ):ଆଭାସି ମାଧ୍ୟମରେ ଚଳିତ ଗ୍ରୀଷ୍ମ ପ୍ରବାହ ଓ ବଙ୍ଗୋସାଗରରେ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାକୁ ପ୍ରତିହତ କରିବା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ଗ୍ରୀଷ୍ମ ପ୍ରବାହ ଏବଂ ସମ୍ଭାବ୍ୟ ଗ୍ରୀଷ୍ମ କାଳୀନ ବାତ୍ୟା ପରିସ୍ଥିତି ରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମହେଶ୍ୱର ଚନ୍ଦ୍ର ନାଏକ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଠାରୁ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବିଭାଗକୁ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ କାଳୀନ ବାତ୍ୟା ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲକ ସ୍ତରୀୟ ଚିକିତ୍ସାଳୟ ମାନଙ୍କରେ କଂଟ୍ରୋଲ ରୁମ୍ ଗ୍ରୀଷ୍ମ ପ୍ରବାହ ସମୟରୁ କାର୍ଯ୍ୟକ୍ଷମ ହୋଇଅଛି । କୌଣସି ଅଂଚଳରେ ଆପତକାଳୀନ ପରିସ୍ଥିତି ସୃଷ୍ଟି ହେଲେ ତତ କ୍ଷଣାତ୍ ତାହା ପ୍ରତି ଦୃଷ୍ଟିପାତ କରାଯିବ ଓ ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ମା ଗୃହ କୁ ସ୍ଥାନାନ୍ତରଣ କରାଯିବ ଓ ସେହିପରି ଜିଲ୍ଲା ରେ ରାପିଡ୍ ରେସପନସ ଟିମ୍ ମଧ୍ୟ ସକ୍ରିୟ ରହିଛି ଏବଂ ମୋବାଇଲ ଭ୍ୟାନ ମଧ୍ୟ କାର୍ଯ୍ୟକ୍ଷମ ରହିଛି ଓ ଆବଶ୍ୟକୀୟ ପରିମାଣର ଔଷଧ, ଓ. ଆର୍ଏସ୍., ସାପ କାମୁଡ଼ା ଭାକସିନ ମହଜୁଦ ରଖିବାକୁ କୁହାଯାଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ପଶୁପକ୍ଷୀ ମାନଙ୍କ ନିମନ୍ତେ ଆବଶ୍ୟକ ପରିମାଣରେ ଔଷଧ, ଭାକସିନ୍, ଗୋ ଖାଦ୍ୟ ଆଦି ମହଜୁଦ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବାତ୍ୟା ପରିସ୍ଥିତି ଉପୁଜିଲେ ପଶୁ ପକ୍ଷୀମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଜିଲ୍ଲା ରେ ଆବଶ୍ୟକୀୟ ପରିମାଣ ରେ କିରୋସିନ୍, ଶୁଖିଲା ଖାଦ୍ୟ ଯଥା- ଚୁଡା, ଗୁଡ଼ ଆଦି ମହଜୁଦ ରଖିବା ପାଇଁ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।ସେହିପରି ବାତ୍ୟା ସମୟରେ କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଧାନ ଫସଲ ତଥା ଫଳ ଓ ପନିପରିବା ଚାଷ ଗୁଡ଼ିକର କିଭଳି ଭାବେ ଯତ୍ନ ନିଆଯିବ ଓ କିଭଳି ଫସଲ ରେ ରୋଗ ପୋକ ଦମନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଛି ଓ ବାତ୍ୟା ପରିସ୍ଥିତି ସମୟ ରେ ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା, ପାଇପ୍ ଜଳ ଯୋଗାଣ, ବ୍ଲିଚିଂ ପାଉଡର ବଂଟନ, ଜଳ ନିଷ୍କାସନ ଆଦି ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଯୋଗାଣ ନେଇ ଜନସାଧାରଣଙ୍କୁ ପାୱାର ବାକ୍ଅପ୍ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଜିଲ୍ଲା ଅଗ୍ନିଶମ ତଥା ଓଡ୍ରାଫ୍ ଟିମ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ଆଦି ମହଜୁଦ ରଖିବା ପାଇଁ କୁହାଯାଇଛି ଏବଂ କୌଣସି ଅଂଚଳରେ ବିପର୍ଯ୍ୟୟ ଯୋଗୁ ରାସ୍ତାଘାଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ କିମ୍ବା ଘର ଆଦି ଭାଙ୍ଗି ଥିଲେ ତତ୍ କ୍ଷଣାତ୍ ତାହା ପ୍ରତି ଦୃଷ୍ଟିପାତ କରିବା, ସ୍ଥାନାନ୍ତରଣ ପ୍ରକ୍ରିୟା ଆଦି ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି ଓ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି ତଥା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଓ ସେହିପରି ନିୟମିତ ଭାବେ ଡ୍ରେନେଜ ସଫା କରିବା, ଲୋ ଲାଇନ୍ ଅଂଚଳ ତଥା ସୁରକ୍ଷା ଦୃଷ୍ଟିରୁ ଦୁର୍ବଳ ଅଂଚଳ ଗୁଡ଼ିକର ଚିହ୍ନଟ କରିବା, ଜନସଚେତନତା ସୃଷ୍ଟି କରିବା, ଆପତକାଳୀନ ପରିସ୍ଥିତି ସମ୍ପର୍କରେ ତୁରନ୍ତ ସୂଚନା ଦେବା ଆଦି ଉପରେ ଜିଲ୍ଲାପାଳ ପ୍ରାଧାନ୍ୟ ଦେଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଉମା ପ୍ରସାଦ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡ଼ା ପ୍ରଫୁଲ୍ଲ ନନ୍ଦ, ପୌର ପରିଷଦ ନିର୍ବାହୀ ଅଧିକାରୀ, କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ, ସମସ୍ତ ବିଡ଼ିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଁରିଆ ନାଳ ଉପରେ ନବ ନିର୍ମିତ ସେତୁ ଉଦଘାଟିତ

ଧର୍ମଶାଳା, (ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଇମାମନଗରଠାରେ କୁଆଁରିଆ ନାଳ ଉପରେ ନବ ନିର୍ମିତ ସେତୁ ଉଦଘାଟିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେତୁକୁ ଶୁଭ ଉଦଘାଟନ କରିଥିଲେ। ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ୨ କୋଟି ୯୯ ଲକ୍ଷ ୨୭ ହଜାର ୯୪୪ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଧର୍ମଶାଳା-କବାଟବନ୍ଧକୁ ସଂଯୋଗ କରୁଥିବା ଏହି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସ୍ଥାନୀୟ ୨୦ ଗୋଟି ପଂଚାୟତର ହଜାରହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଜଣାପଡିଛି।ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ବରିଷ୍ଠ ନେତା ଡ. ପ୍ରିୟନାଥ ମହାପାତ୍ର, ଜଳଧର ସାହୁ,ଗଂଗାଧରପୁର ସରପଂଚ ତ୍ରିଲୋଚନ ଜେନା ସମିତିସଭ୍ୟା ତିଳୋତମା ବରାଳ, ପୂର୍ବତନ ଜିଲା ପରିଷସ ସଭ୍ୟ ନିରଞ୍ଜନ ରାଉତ, ପ୍ରହଲ୍ଲାଦ ଲେଙ୍କା, ସୁଶିଲ ମହାନ୍ତି, ପ୍ରସନ୍ନ ରାଉତ, ଉପ ନିର୍ବାହୀ ଯନ୍ତ୍ରୀ ନରୋତମ ଦାସ ଓ ସହକାରୀ ଯନ୍ତ୍ରୀ ନରେନ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ୧୩ଟି ମନ୍ଦିରର ପୁନରୁଦ୍ଧାର ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର

ଗଞ୍ଜାମ, (ପି.ଏନ): ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳି ହିଞ୍ଜିଳିକାଟୁ ଏବଂ ଶେରଗଡ଼ ବ୍ଲକର ସମସ୍ତ ହାଇସ୍କୁଲକୁ କୋଟି କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ହାଇସ୍କୁଲ କରାଯାଇଛି । ସେହିପରି ଜଲେଜ ଗୁଡିକୁ ମଧ୍ୟ ସ୍ମାର୍ଟ କଲେଜ କରାଯାଇଛି । ବର୍ତ୍ତମାନ ପୁଣି ଏହି ଦୁଇଟି ନିର୍ବାଚନ ମଣ୍ଡଳିରେ କୋଟି କୋଟି ଟଙ୍କା ବ୍ୟୟ କରି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ଗତ ୭ ତାରିଖରେ ଉପରୋକ୍ତ ଦୁଇଟି ବ୍ଲକର ମନ୍ଦିର ଗୁଡିକ ପରିଦର୍ଶନ କରିବାର ମାତ୍ର ୮ ଦିନ ପରେ ୧୩ଟି ମନ୍ଦିରର ପୁନରୁଦ୍ଧାର ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି । ସେହି ମନ୍ଦିର ଗୁଡିକ ହେଲା ପିତଳ ଶ୍ରୀ ଜଗନ୍ନାଥ ମନ୍ଦିର ନିମନ୍ତେ ୪୫ ଲକ୍ଷ, ଶ୍ରୀ ଉତରେଶ୍ୱର ମନ୍ଦିର ପାଇଁ ୪୫ ଲକ୍ଷ, କରଞ୍ଜେଇ ପୀଠର ବିକାଶ ପାଇଁ ୬୫ ଲକ୍ଷ, ଶେରଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରର ପୁନଃଉଦ୍ଧାର ପାଇଁ ୨୫ ଲକ୍ଷ, ଶୋଭାଚନ୍ଦ୍ରପୁର ମା ତାରାତାରିଣୀ ମନ୍ଦିର ପାଇଁ ୪୫ ଲକ୍ଷ, ଧବଳପୁର ଗ୍ରାମସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପାଇଁ ୪୫ ଲକ୍ଷ ଓ ବେଲେଶ୍ୱର ମନ୍ଦିରର ପୁନଃଉଦ୍ଧାର ପାଇଁ ୪୫ ଲକ୍ଷ, କରଡ଼ାକଣା ଉଦୟନାଥ ମନ୍ଦିରକୁ ୫୦ ଲକ୍ଷ, ଅଲାରିଗଡ଼ ସ୍ୱପ୍ନେଶ୍ୱର ମନ୍ଦିରକୁ ୪୫ ଲକ୍ଷ, ଶ୍ୟାମଳାଇ ମନ୍ଦିର ପାଇଁ ୭୫ ଲକ୍ଷ, କୋରେଇଶୁଣି ମନ୍ଦିରକୁ ୫୦ ଲକ୍ଷ, ଘୋଡ଼େଇଶୁଣି ମନ୍ଦିରକୁ ୩୦ ଲକ୍ଷ, ଗଣ୍ଡଳା ଗୋପୀନାଥ ମନ୍ଦିର ପାଇଁ ୩୦ ଲକ୍ଷ ଓ ଇଶାନେଶ୍ୱର ମନ୍ଦିରର ପୁନରୁଦ୍ଧାର ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି ।ଜନସାଧାରଣଙ୍କ ଦାନରେ ପ୍ରତ୍ୟେକ ପୁରପଲ୍ଲୀରେ ବର୍ତ୍ତମାନ ନୂତନ ନୂତନ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ଉତ୍ସବ ଚାଲିଥିବା ବେଳେ ଭୋଟ୍ ରାଜନୀତିକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରେ ବର୍ତ୍ତମାନ ମନ୍ଦିର ଉନ୍ନୟନ ପାଇଁ ଟଙ୍କା ମଞ୍ଜୁରକୁ କେନ୍ଦ୍ର କରି ଜନଅସନ୍ତୋଷ ପ୍ରକାଶ ପାଇଛି । ଏହି ଟଙ୍କାରେ କ୍ଷୁଦ୍ର କଳକାରଖାନା କରାଯାଇଥିଲେ ବହୁ ବେକାରୀ ବେରୋଜଗାରୀ ଯୁବକ ଯୁବତୀଙ୍କ କର୍ମସଂସ୍ଥାନ ହୋଇପାରନ୍ତା ବୋଲି ଜନମତ ପ୍ରକାଶ ପାଇଛି ।

## ମାଲକାନଗିରି ଜିଲ୍ଲାର ବିକାଶ ପାଇଁ ଗତ ଆର୍ଥିକ ବର୍ଷ ୨୦୨୨-୨୩ ରେ ୧ କୋଟି ୬ ଲକ୍ଷ ଟଙ୍କାର ସାଂସଦ ପାଣ୍ଠିରୁ ଅନୁଦାନ ପ୍ରଦାନ

ମାଲକାନଗିର, (ପି.ଏନ): ବିକାଶର ନୂଆ ରାସ୍ତାରେ ଆଗକୁ ବଢୁଛି ମାଲକାନଗିରି ଜିଲ୍ଲା। ଲୋକଙ୍କ ସୁବିଧା ତଥା ଜିଲ୍ଲାର ପ୍ରଗତିକୁ ପ୍ରାଥମିକତା ଦେଇ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ହେବାକୁ ଯାଉଥିବା ବିଭିନ୍ନ ଲୋକାଭିମୁଖୀ ଜନ କଲ୍ୟାଣ କାର୍ଯ୍ୟ ଜିଲ୍ଲାକୁ ପର୍ଯ୍ୟଟନ, ଗମନାଗମନ, ଜଳସେଚନ ଆଦି ଅନେକ କ୍ଷେତ୍ରରେ ଅଗ୍ରଣୀ ହେଉଛି ମାଲକାନଗିରି ଜିଲ୍ଲା। ମାଲକାନଗିରି ଜିଲ୍ଲାକୁ ସାଂସଦ ରମେଶ ଚନ୍ଦ୍ର ମାଝୀ ସବୁବେଳେ ବିକାଶ ରେ ପ୍ରାଥମିକତା ଦେଇ ବାରମ୍ବାର ମାଲକାନଗିରି ଜିଲ୍ଲା ଗ୍ରସ୍ତରେ ଆସି ଲୋକଙ୍କ ସୁବିଧା ଅସୁବିଧାରେ ଜଡିତ ରହୁଛନ୍ତି। ମାଲକାନଗିରି ଜିଲ୍ଲାର ବିକାଶ ପାଇଁ ଗତ ଆର୍ଥିକ ବର୍ଷ ୨୦୨୨-୨୩ ରେ ୧ କୋଟି ୬ ଲକ୍ଷ ଟଙ୍କାର ସାଂସଦ ପାଣ୍ଠି ଅନୁଦାନ ମାନ୍ୟବର ସାଂସଦ ରମେଶ ଚନ୍ଦ୍ର ମାଝୀ ପ୍ରଦାନ କରିଛନ୍ତି।

# ହେତୁବାଦୀ ବୁଦ୍ଧିଜୀବୀଙ୍କ ଠାରେ ସଠିକ୍ ରାଜନୈତିକ ଚେତନାବୋଧ ନଥିବାରୁ ବିଶ୍ୱ ଶାନ୍ତି ପାଇଁ ବିଶ୍ୱ ସରକାର ପ୍ରତିଷ୍ଠା କରାଯାଇ ପାରୁ ନାହିଁ : ଏଫ.ପି.ଆଇ

ଭୁବନେଶ୍ୱର (ପି.ଏନ): ମୁକ୍ତଚିନ୍ତନବାଦୀ ଦଳ "ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ"ର ଏକାଦଶ ଜନ୍ମ ଉତ୍ସବ ମେ' ୧୮ରେ ଦଳର ସଦର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ବିଖ୍ୟାତ ଦାର୍ଶନିକ ମୁକ୍ତଚିନ୍ତନର ସର୍ବମାନ୍ୟ ପ୍ରବକ୍ତା ବର୍ଟ୍ରାଣ୍ଡ୍ ରସେଲ୍ଙ୍କ ୧୫୨ତମ ଜନ୍ମ ଜୟନ୍ତୀ ମଧ୍ୟ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ "ବିଶ୍ୱ ଶାନ୍ତି ପାଇଁ ବିଶ୍ୱ ସରକାର ରସେଲଙ୍କ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଉଚିତ" ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ "ଆମୋଫୋଇ" ସଭାପତି ମି. ମାନସ ଜେନା ସଭାପତିତ୍ୱ କରିଥିଲେ। ବର୍ଟ୍ରାଣ୍ଡ୍ ରସେଲଙ୍କ ଜୀବନଧାରା, କାର୍ଯ୍ୟାବଳୀ ଓ ବିଚାରଧାରା ଉପରେ ଆଲୋକପାତ କରିବାକୁ ଯାଇ ଏଫ୍‌ପିଆଇ ସାଧାରଣ ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର କହିଲେ ଯେ, ବର୍ଟ୍ରାଣ୍ଡ୍ ରସେଲ ସମଗ୍ର ମାନବ ଜାତିର ଏକ ଅନନ୍ୟ ନେତା ଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ବଳର ଦୁରୁପଯୋଗର ଶୀକାର ହେଉଥିବା ନର୍ଥ ଭିଏତମାନାର ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇ ରସେଲ ଏକ ବିଶ୍ୱସ୍ତରୀୟ ଟ୍ରିବୁନାଲ୍ ସୁଇଡ଼େନ୍‌ର ରାଜଧାନୀ ଷ୍ଟକ୍‌ହୋଲମରେ ୧୯୬୬ରେ ବସାଇଥିଲେ। ତାଙ୍କର ଏତାଦୃଶ ଦୂରଦୃଷ୍ଟି ସଂପନ୍ନ ମାନବବାଦୀ କାର୍ଯ୍ୟକୁ ଅନେକ ବିଶ୍ୱ ବିଖ୍ୟାତ ସାହିତ୍ୟିକ ନୋବେଲ୍ ପ୍ରାଇଜ୍ ପ୍ରାପ୍ତ ଲେଖକ ଲେଖିକା ସମର୍ଥନ ଜଣାଇଥିଲେ। ଫ୍ରାନସ୍‌ର ସାହିତ୍ୟିକ ଜାଁ ପଲ ସାତ୍ରେ ରସେଲ୍‌ଙ୍କ ସାହିତ ଶତ ପ୍ରତିଶତ ହାତ ମିଳାଇଥିଲେ। ଏହି ଟ୍ରିବ୍ୟୁନାଲ ଯୋଗେ ସାରା ବିଶ୍ୱରେ ଆମେରିକାର କଦର୍ଯ୍ୟ ନେତୃତ୍ୱକୁ ଲୋକେ ଛି ଛି କରିଥିଲେ। ଯୁଦ୍ଧଶୂନ୍ୟ ପୃଥିବୀ ପାଇଁ ନିରସ୍ତୀକରଣ ଦରକାର ବୋଲି ମିଳିତ ଜାତିସଂଘର ପ୍ରତିଷ୍ଠାତାମାନେ କହିଥିଲେ। ମାତ୍ର ନିରସ୍ତୀକରଣ ଦିଗରେ କିଛି ହେଉ ନାହିଁ ବରଂ ପୃଥିବୀକୁ ବାରମ୍ବାର ଧ୍ୱଂସ କରିବା ପାଇଁ ବିଶ୍ୱର ସମସ୍ତ ନେତା ଲାଗିଛନ୍ତି। ଫଳତଃ ବର୍ତ୍ତମାନ ବର୍ଷକୁ ୨.୨୪ ଟ୍ରିଲିୟନ ଆମେରିକୀୟ ଡ଼ଲାରସ୍ ମଣିଷକୁ ହାଣି ମାରିବା ପାଇଁ ଖର୍ଚ୍ଚ କରାଯାଉଛି। ବିଶ୍ୱ ସରକାର ପ୍ରତିଷ୍ଠିତ ହେଲେ ଏହି ଅର୍ଥରେ ଭଲ ବାସଗୃହ, ଭଲ ଶିକ୍ଷାନୁଷ୍ଠାନ, ଉନ୍ନତମାନର ହସ୍‌ପିଟାଲ୍ ଜନସାଧାରଣଙ୍କୁ ଯୋଗାଇ ଦିଆଯାଇ ପାରିବ ବୋଲି ଭୋଲ୍‌ଟେୟାର ଦର୍ଶାଇଥିଲେ। ବର୍ଟ୍ରାଣ୍ଡ ରସେଲ କୌଣସି ରାଷ୍ଟ୍ରର ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ପଦବିରେ ବସିନଥିଲେ। ମାତ୍ର ପ୍ରତିଭା ବଳରେ ସେ ବିଶ୍ୱ ଜନମତ ଆମେରିକା ବିରୁଦ୍ଧରେ ଛିଡ଼ା କରାଇଥିଲେ। ଆଜି ସେପରି ବିଶ୍ୱ ବିଖ୍ୟାତ ସାହିତ୍ୟିକ କିମ୍ବା ଅଣରାଜନୈତିକ ଜନ ନେତା ନଥିବାରୁ କ୍ଷୁଦ୍ର ରାଷ୍ଟ୍ର ୟୁକ୍ରେନ ଉପରେ ରୁଷିଆର ବର୍ବରୋଚିତ ଆକ୍ରମଣ ୨୦୨୨ ଫେବୃୟାରୀ ୨୪ ତାରିଖରୁ ଅବ୍ୟାହତ ରହିଛି। ସଂକୀର୍ଣ୍ଣ ସ୍ୱାର୍ଥାନ୍ଧ ଭାରତର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଠାରୁ ଆରମ୍ଭ କରି ଅନ୍ୟ ଯେତେ ନେତା ଅଛନ୍ତି ବସ୍ତୁତଃ ନିରବଦ୍ରଷ୍ଟା ହୋଇ ଆକାଶକୁ ଅନାଇଛନ୍ତି ବୋଲି ସିଏସ୍‌ଟି ଭୋଲଟେୟାର କ୍ଷୋଭର ସହ କହିଥିଲେ। ମାନବବାଦୀ ହେତୁବାଦୀ ସଂଗଠନ (ଏଚ୍ଆରଓ)ର ସଂପାଦିକା ବାସନ୍ତୀ ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇ କହିଥିଲେ ଯେ: ଜନ ସାଧାରଣଙ୍କ ପାଖରେ ସତ୍ ସାହାସର ଅଭାବ ରହିଛି ଏବଂ ସେମାନଙ୍କ ଠାରେ ଉଚ୍ଚ ରାଜନୈତିକ ଚେତନା ବୋଧ ନଥିବାରୁ ପୃଥିବୀରେ ଯୁଦ୍ଧାସ୍ତ୍ର ପରିମାଣ ବଢ଼ିବଢ଼ି ଚାଲିଛି। ରସେଲ୍‌ଙ୍କ ଭଳି ଆଗକୁ ଆସି ଉଚିତ ନେତୃତ୍ୱ ଦେବା ପାଇଁ ସମଗ୍ର ମାନବଜାତି ମଧ୍ୟରେ ଜଣେ ହେଲେ ନାହାନ୍ତି ବୋଲି ସେ ଦୁଃଖ ପ୍ରକାଶ କରିଥିଲେ ।ଅନ୍ୟତମ ଆଲୋଚକ ସିପିଆଇ ଏମ୍‌ଏଲଏ ନେତା ବଂଶୀଧର ପରିଡ଼ା ଆଲୋଚନାରେ ଭାଗ ନେଇ କହିଲେ ଯେ: ପୁଞ୍ଜିପତି ବର୍ଗ ବିଶ୍ୱ ଶାନ୍ତି ସପକ୍ଷରେ ନାହାଁନ୍ତି। ସେମାନେ ଜାତୀୟ ପ୍ରତିରକ୍ଷା ନାଁରେ ନିଜର ଲାଭ ପ୍ରତି ଲୋଭ ରଖି ରାଜନେତାମାନଙ୍କୁ ଭୁଲ୍ ରାସ୍ତାରେ ନେଉଛନ୍ତି। ମଣିଷ ସମାଜରେ ରହିଥିବା ଜାତି ଧର୍ମଗତ ବିଦ୍ୱେଷ ଭାବ, ଘୃଣା, ଅହଂକାରର ଦୂରୀକରଣ ପାଇଁ ରସେଲଙ୍କ ଚିନ୍ତାଧାରା ଉପରେ ଆଧାରିତ ଶିକ୍ଷାନୀତି ସର୍ବତ୍ର ଅନୁସୃତ ହେବା ଉଚିତ ବୋଲି ମତ ଦେଇଥିଲେ ଆମୋଫୋଇ କୋ-ଫାଉଣ୍ଡର ଶ୍ରୀମତୀ ସ୍ୱପ୍ନା ବିଜୟିନୀ ।ଆଲୋଚନା ଚକ୍ରର ଅଧ୍ୟକ୍ଷ ମି. ମାନସ ଜେନା ହେତୁବାଦୀ ଗୋଷ୍ଠୀଙ୍କର ଯଥାର୍ଥ ରାଜନୈତିକ ଦର୍ଶନ ନାହିଁ ବୋଲି ଦୁଃଖର ସହ କହିଥିଲେ। ସେ କହିଥିଲେ ଯେଉଁମାନେ ହେତୁବାଦୀ ସେମାନେ ବସ୍ତୁତଃ ଧର୍ମନିରପେକ୍ଷବାଦୀ ଓ ମାନବବାଦୀଭାବେ ନିର୍ବାଚନ ରାଜନୀତିରେ ସକ୍ରିୟ ଭୂମିକା ନେବା ଉଚିତ। ମାତ୍ର ତା ଓଡ଼ିଶାଭଳି ରାଜ୍ୟରେ ହେଉନାହିଁ; ତାହା ଭାରତ ଭଳି ରାଷ୍ଟ୍ରରେ ମଧ୍ୟ ହେଉନାହିଁ କିମ୍ବା ପୃଥିବୀର ଅନ୍ୟ କୌଣସି ଦେଶରେ ହେଉନାହିଁ। ହେତୁବାଦୀମାନେ ଶିକ୍ଷିତ । ସେମାନେ ରାଜନୀତି କ୍ଷେତ୍ରରେ ଜୋରଦାର ଭୂମିକା ଲିଭାଇଲେ ବର୍ଟ୍ରାଣ୍ଡ ରସେଲଙ୍କ ଚିନ୍ତାଧାରା ଉପରେ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ହୋଇପାରିବ। ଫଳତଃ ବିଶ୍ୱ ସରକାର ବିଶ୍ୱଶାନ୍ତି ଓ ପ୍ରଗତି କ୍ଷେତ୍ରରେ ତା'ର ଭୂମିକା ଲିଭାଇ ପାରିବ। ଏପରି ମତ ଦେଇଥିଲେ ଶ୍ରୀ ଜେନା। ସଭାସ୍ଥଳୀରେ ବାଙ୍କୀ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ବଣିଆ ସାହିର ଝିଅ ପ୍ରାଚୀ ପ୍ରିୟଦର୍ଶିନୀ ତାଙ୍କର ଦୀର୍ଘଦିନର ପ୍ରେମିକ ଅନିଲ୍ ପାଲ୍‌ଙ୍କୁ ଫୁଲମାଳ ଆଦାନପ୍ରଦାନରେ ପ୍ରେମବିବାହ କରିଛନ୍ତି। ଦମ୍ପତି "ଏକ-ସନ୍ତାନ ପରିବାର ବ୍ରତୀ" ହେବେ ବୋଲି ଶପଥ ନେଇଛନ୍ତି।

# ପଦ୍ମ ଘୁଂଚି ଘୁଂଚି ଯାଉଛି : ମହାନଦୀ ପ୍ରସଙ୍ଗରେ କଂଗ୍ରେସର କଟାକ୍ଷ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ କମିଟି ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା, ମହାନଦୀ ପ୍ରସଙ୍ଗରେ ଉଭୟ ଟ୍ରିବ୍ୟୁନାଲ ଓ ରାଜ୍ୟ ସରକାରଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରି ତାର ଉତର ଦାବି କରିଛନ୍ତି। ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ବ୍ୟଙ୍ଗୋକ୍ତି କରିଥିଲେ ଯେ ପଦ୍ମ ଘୁଂଚି ଘୁଂଚି ଯାଉଛି। ମାର୍ଚ୍ଚ ୧୨, ୨୦୧୮ ରେ ଟ୍ରିବ୍ୟୁନାଲ ଗଠିତ ହୋଇଥିଲା। ଇତି ମଧ୍ୟରେ ୫ ବର୍ଷ କିଛି ସମୟ ବିତିଯାଇଥିଲେ ମଧ୍ୟ ମହାନଦୀ ଜଳ ବିବାଦ ସମସ୍ୟା ସମାଧାନର କୌଣସି ବାଟ ଫିଟୁ ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ଆନ୍ତରିକତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ଯେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇଟି କମିଟି ଗଠନ କଲେ। କିନ୍ତୁ ୬ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିବା ସ୍ଥଳେ କୌଣସି କମିଟିର ଗୋଟିଏ ବି ବୈଠକ ଏ ପର୍ଯ୍ୟନ୍ତ ବସିଲା ନାହିଁ ? ଦ୍ୱିତୀୟରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଗତ ବିଧାନ ସଭାରେ ବଜେଟ ଅଧିବେଶନରେ ମହାନଦୀ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ଏକ ପ୍ରସ୍ତାବ ଆଗତ କରି ସମୟ ଦାବି କରିଥିଲେ। ବାଚସ୍ପତି ମହୋଦୟ ବ୍ୟୟମୁରି ବିଧେୟକ ପାରିତ ହେଲାପରେ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରାଯିବ ବୋଲି ଗୃହରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବ୍ୟୟମୁରି ବିଧେୟକ ପାରିତ ହେବା ମାତ୍ରେ ସେହି ଦିନ ମାର୍ଚ୍ଚ ୩୧ରେ ଗୃହ ମୁଲତବୀ କରିଦିଆଗଲା। ମହାନଦୀ ପ୍ରସ୍ତାବ ଆଲୋଚନା ହୋଇପାରିଲା ନାହିଁ। ଏଇତ ସରକାରଙ୍କ ଆନ୍ତରିକତା ? ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଉଦାସୀନତା ମୁଖ୍ୟତଃ ମହାନଦୀ ଜଳ ବିବାଦ ପାଇଁ ଦାୟୀ ବୋଲି ଦୃଢ଼ୋକ୍ତି କରିଥିଲେ। ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ ଯେ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ଭୟାନକ ଭାବେ ହ୍ରାସ ପାଇ ଚାଲିଛି। ଚାଷୀଙ୍କ ପାଇଁ ଜଳସେଚନ ସମସ୍ୟା ଓ ପିଇବା ପାଣିର ସମସ୍ୟା ଉତ୍କଟ ହୋଇ ଚାଲିଛି। ତଥାପି ସରକାରଙ୍କ ଚେତା ଫେରୁନି କେବଳ ରାଜନୈତିକ ଫାଇଦା ପାଇଁ ବେଳେ ବେଳେ ମହାନଦୀ ପ୍ରସଙ୍ଗ ଉଠାଇ ତୁନି ପଡୁଛନ୍ତି। ଏହା କେବଳ ବିଜେଡ଼ି ଓ ବିଜେପି ମଧ୍ୟରେ ଥିବା ସୁନ୍ଦର ମଧୁର ସଂପର୍କ ବ୍ୟତିତ ଆଉ କିଛି ନୁହେଁ। ଉଭୟ ବିଜେଡ଼ି ଓ ବିଜେପି ଓଡ଼ିଶାର ସ୍ୱାର୍ଥ ପରିବର୍ତ୍ତେ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବାରୁ ଓଡ଼ିଶାର ଭାଗ୍ୟ ବିଡ଼ମ୍ବିତ ହୋଇ ଚାଲିଛି। ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଆଜି ସମ୍ମିଳନୀରେ ଭାଷଣ ଦେଇ ଟ୍ରିବ୍ୟୁନାଲଙ୍କ କଚ୍ଛପ ଗତିରେ ଉଦ୍‌ବେଗ ପ୍ରକାଶ କରିଥିଲେ ଓ ତୁରନ୍ତ ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଟ୍ରିବ୍ୟୁନାଲ ଏକ ମଧ୍ୟବର୍ତ୍ତୀ କାଳିନ ରିପୋର୍ଟ ପ୍ରଦାନ କରିବାକୁ ଦାବି କରିଥିଲେ। ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ କେନାଲ ମାନଙ୍କରେ ପାଣି ଛାଡ଼ିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଥିଲେ ଯେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କମନ ଇନଫରମେସନ ଫର୍ମାଟ ସାଧାରଣ ସୂଚନା ପୁସ୍ତିକା ପ୍ରସ୍ତୁତ ହୋଇପାରିଲା ନାହିଁ। ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀ କାଳୀନ ରିପୋର୍ଟ ଦେଉନାହାନ୍ତି କି ରାଜ୍ୟ ସରକାର ମଧ୍ୟ ଏଥିନିମନ୍ତେ ଦାବି କରୁନାହାନ୍ତି। ସେ ଉଲେଖ କରିଥିଲେ ଯେ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରିବା ଫଳରେ ଏପ୍ରିଲ ମାସରେ ମହାନଦୀ ଜଳ ଭଣ୍ଡାର ୭୩ ପ୍ରତିଶତ କମିଛି ଓ ମେ ମାସରେ ୭୭.୭ ପ୍ରତିଶତ ଜଳ ପ୍ରବାହ କମିଛି। ବର୍ତ୍ତମାନ ଛତିଶଗଡ଼ ସରକାର କଲମାବ୍ୟାରେଜ ତଳକୁ ଆଦୌ ଜଳ ଛାଡୁନାହାନ୍ତି। ତେଣୁ ବର୍ଷାଋତୁ ପରେ ନଭେମ୍ବରରୁ ମେ ମାସ ମଧ୍ୟରେ ଛତିଶଗଡ଼ ସରକାର ହୀରାକୁଦ ଜଳ ଭଣ୍ଡାରକୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଛାଡ଼ିବା ପାଇଁ ଟ୍ରିବ୍ୟୁନାଲ ଅନ୍ତରୀଣ ଆଦେଶ ଦିଅନ୍ତୁ। ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତା ଫଳରେ ମହାନଦୀ ଅବବାହିକାରେ ଥିବା ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ପିଇବା ପାଣିର ଘୋର ଅଭାବ ପରିଲକ୍ଷିତ ହେଉଛି। ଏ ବାବଦରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି ? ବିଗତ ୧୦ବର୍ଷ ହେବ ରାଜ୍ୟ ସରକାର ଖରାଦିନେ ଡାଲୁଆ ଚାଷ ପାଇଁ କେନାଲ ପାଣି ଯୋଗାଣ ପ୍ରାୟତଃ ବନ୍ଦ କରିଦେଇଛନ୍ତି। କେନ୍ଦ୍ରାପଡ଼ା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ପୁରୀ କେନାଲ କେନାଲ ମାନଙ୍କରେ ପାଣି ଛଡ଼ାଯାଉ ନାହିଁ। ଫଳରେ ଉପକୂଳ ଅଂଚଳରେ ଚାଷ ଜମି ଲବଣାକ୍ତ ହେବା ସହିତ କୂଅ ପୋଖରୀ ଶୁଖିଗଲାଣି। ନଳକୂପରୁ ପିଇବା ପାଣି ବାହାରୁ ନଥିବା ବେଳେ ଉପକୂଳ ଅଂଚଳରେ ଲୁଣି ପାଣି ବାହାରୁଛି। ରାଜ୍ୟରେ ଭିଷଣ ଗ୍ରୀଷ୍ମ ପ୍ରବାହ ସାଂଗକୁ ଜଳକଷ୍ଟ ଅସହ୍ୟ ହେଲାଣି। ଏଣୁ ଓଡ଼ିଶା ସରକାର ତୁରନ୍ତ ସମସ୍ତ କେନାଲରେ ପାଣି ଛାଡ଼ିବାକୁ ଆମେ ଦାବି କରୁଛୁ। ଯଦି ଛତିଶଗଡ଼ ସରକାର ଏତେ ଗୁଡ଼ିଏ ବନ୍ଧ ନିର୍ମାଣ କରିପାରିଲେ ତେବେ ୨୩ ବର୍ଷର ସରକାର ଏକ ନମ୍ବର ମୁଖ୍ୟମନ୍ତ୍ରୀ ମହାନଦୀର ତଳ ମୁଣ୍ଡରେ ଏ ପର୍ଯ୍ୟନ୍ତ କଣ କରିଛନ୍ତି ? ବକ୍ତବ୍ୟ ଶେଷରେ ଯଦି ଓଡ଼ିଶାବାସୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଟ୍ରିବ୍ୟୁନାଲରୁ ମଧ୍ୟବର୍ତ୍ତୀ କାଳୀନ ରିପୋର୍ଟ ନ ଆସେ ଓ କେନାଲ ମାନଙ୍କରେ ପାଣି ଛଡ଼ାନଯାଏ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ସର୍ତକ କରାଇ ଦେଇଛନ୍ତି।

# ବନ୍ଦେ ଭାରତ ଏକ୍ସପ୍ରେସ୍‌ର ସିଧା ପ୍ରସାରଣ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ପୁରୀ-ହାୱଡ଼ା ଟ୍ରେନ୍‌ର ଶୁଭ ଉଦ୍‌ଘାଟନ ଉତ୍ସବକୁ ଏଲ୍.ସି.ଡି ମାଧ୍ୟମରେ ପ୍ରସାରଣ କରାଯାଇଛି । ଏହା ଓଡିଶା ପାଇଁ ଏକ ଗୌରବର ଦିନ ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ନୂତନ ରେଳ ପ୍ରକଳ୍ପ ଓ ୧୦୦ ପ୍ରତିଶତ ବିଦ୍ୟୁତକରଣ ଲୋକାର୍ପଣ ସହ "ଭାରତ ସ୍ୱାଭିମାନ ବନ୍ଦେ ଭାରତ" ଓଡିଶାରେ ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ପୁରୀ-ହାୱଡ଼ା ଟ୍ରେନର ଶୁଭାରମ୍ଭ କରିଛନ୍ତି । ବନ୍ଦେ ଭାରତ ହେଉଛି ଯୁଗାନ୍ତକାରୀ ପଦକ୍ଷେପ । ଓଡିଶାର ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ସଦୃଶ୍ୟ ହେବ ବୋଲି ବିଜେପି ନେତା ମାନେ ପ୍ରକାଶ କରିଛନ୍ତି । ଉକ୍ତ ଟ୍ରେନ୍ ଆଜି ଓଡିଶାବାସୀଙ୍କ ମନରେ ଖୁସିର ଲହରି ଖେଳାଇଥିବା ଜଣାପଡିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସୁନାକର ବେହେରା, ତେଜେଶ୍ୱର ପରଡା, ଉପୀନ ରାଉତ, ଅଭିମନ୍ୟୁ ଗୋଛାୟତ, ଶଶାଙ୍କ ସେଠୀ, ନେହେରୁ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



# ପାରାଦୀପ ନିର୍ବାଚନ ମଣ୍ଡଳୀରେ ବଢୁଛି ମାଟିର ପୁଅ ସମ୍ପଦଙ୍କ ଲୋକପ୍ରିୟତା



ପାରାଦୀପ,(ପି.ଏନ): ପାରାଦୀପ, କୁଜଙ୍ଗ କୁ ନେଇ ପୂର୍ବରୁ ଥିଲା ଏରସମା ନିର୍ବାଚନ ମଣ୍ଡଳୀ । ସେତେବେଳେ ଏରସମା ନିର୍ବାଚନ ମଣ୍ଡଳୀ ରାଜ୍ୟ ଓ ଦେଶର ରାଜନୀତିରେ ଖୁବ ସୁନାମ ରହିଥିଲା । କାରଣ ସେତେବେଳେ ଏରସମା ନିର୍ବାଚନ ମଣ୍ଡଳୀର ମାଟିର ପୁଅମାନେ ରାଜନୀତିରେ ବେସ ନାମ କମାଇଥିଲେ । ରତ୍ନମାଳି ଜେମା, ନାରାୟଣ ବୀରବର ସାମନ୍ତ, କୃଷ୍ଣଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ନାୟକ, ଲୋକନାଥ ଚୌଧୁରୀ, ଡା. ଦାମୋଦର ରାଉତ ପ୍ରମୁଖ ଭୂମିପୁତ୍ର ମାନେ ରାଜ୍ୟ ଓ ଦେଶର ରାଜନୀତି କ୍ଷେତ୍ରରେ ମାଟିର ନା ରଖୁଥିଲେ । ସେମାନଙ୍କ ପାଇଁ ଏରସମା ନିର୍ବାଚନ ମଣ୍ଡଳୀର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିଲା । କିନ୍ତୁ ୨୦୦୯ ମସିହାରେ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ ହୋଇ ପାରାଦୀପ ନିର୍ବାଚନ ମଣ୍ଡଳୀ ହୋଇଥିଲା ଏବଂ ଏଥିରୁ ଏରସମା ବାଦ ହୋଇଯାଇଥିଲା । ପାରାଦୀପ ନିର୍ବାଚନ ମଣ୍ଡଳୀ ହେଲାପରେ ଏହି ମାଟିର ପୁଅ ଏପର୍ଯ୍ୟନ୍ତ ବିଧାନସଭା କୁ ଯାଇ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇନାହାନ୍ତି । ଯେଉଁଥିପାଇଁ ଏ ମାଟିର ଉନ୍ନତି ହୋଇପାରିନାହିଁ । ୨୦୧୯ ରେ ଏ ମାଟିର ପୁଅ ହିସାବରେ ବିଜେପି ଭଳି ଜାତୀୟ ଦଳରୁ ସମ୍ପଦ ସ୍ୱାଇଁ ପ୍ରାର୍ଥୀ ହୋଇଥିଲେ ଏବଂ ସେତେବେଳେ ନିର୍ବାଚନ ମଣ୍ଡଳୀର ଲୋକ ସମ୍ପଦ ଙ୍କୁ ପାଇ ବେସ ଉତ୍ସାହିତ ମଧ ଥିଲେ । ଯାହାକି ବିଜେପି ର ଥିବା ୪ ହଜାର ଭୋଟକୁ ୩୬ ହଜାର ରେ ପହଞ୍ଚାଇ ପାରିଥିଲେ । ସେତେବେଳେ ସାରା ରାଜ୍ୟରେ ନବୀନଙ୍କ ହାୱା ଚାଲୁଥିବା ଯୋଗୁଁ ବିଜେଡି ପ୍ରାର୍ଥୀ ସମ୍ପିତ ରାଉତରାୟ ପାରାଦୀପ ନିର୍ବାଚନ ମଣ୍ଡଳୀର ନେତୃତ୍ୱ ନବାକୁ ସୁଯୋଗ ପାଇଥିଲେ । ସେହିପରି କଂଗ୍ରେସ ଦଳର ପାରମ୍ପରିକ ଭୋଟ ପାଇଁ ସେତେବେଳେ କଂଗ୍ରେସ ପ୍ରାର୍ଥୀ ଙ୍କୁ ୪୮ ହଜାର ଭୋଟ ମିଳିଥିଲା । କିନ୍ତୁ ଏହା ମଧ୍ୟରେ ୪ ବର୍ଷ ବିତି ଯାଇଛି । ଏବେ ବିଧାୟକ ସନ୍ଦୀପଙ୍କ ଉପରେ ଲୋକେ ଅସନ୍ତୁଷ୍ଟ ଏବଂ କଂଗ୍ରେସ ଦଳକୁ ଭୋଟ ଦେଇ ବିରୋଧୀ ଦଳ ହିସାବରେ କଂଗ୍ରେସ ର କାର୍ଯ୍ୟ ସମ୍ପୂର୍ଣ୍ଣ ନୈରାଶ୍ୟ ଜନକ ଏବଂ ଭୋଟର ମାନେ ପଶ୍ଚାତାପ କରୁଥିବା ଜଣାଯାଏ । ସେହିପରି ବିଜେପି କୁ ଭୋଟ ଦେଇ ସମ୍ପଦଙ୍କ କାର୍ଯ୍ୟ ଶୈଳୀରେ ଲୋକମାନେ ଖୁବ ଭରସା ପାଉଛନ୍ତି । ସମ୍ପଦ ମଧ ବିରୋଧୀ ଭୂମିକା ଜୋରଦାର ଚଳାଉଛନ୍ତି । ପ୍ରତିଦିନ କେଉଁଠି ନା କେଉଁଠି ନିର୍ବାଚନ ମଣ୍ଡଳୀ ଭିତରେ ଯେକୌଣସି ଗାଁ ଓ ପଞ୍ଚାୟତରେ ଲୋକଙ୍କ ସମସ୍ୟା ନେଇ ସମ୍ପଦ ଙ୍କୁ ଦେଖିବାକୁ ମିଳୁଛି । ସମ୍ପଦ ରାଜନୀତିରେ ନବାଗତ ହେଲେ ମଧ ତାଙ୍କର କାର୍ଯ୍ୟଶୈଳୀ ରେ ବେସ ପରିପକ୍ୱତା ଆସିଯାଇଛି । ତାଙ୍କ ଭାଷଣ, ଘନ ଘନ ନିର୍ବାଚନ ମଣ୍ଡଳୀ ଗସ୍ତ, ଦୃଢ ସଂଗଠନ ଏବଂ କୋକପ୍ରିୟତା ଖୁବ ବଢିଯାଇଛି । ଲୋକ ଏବେ ବେସ ଅନୁଭବ କରୁଛନ୍ତି ମାଟିର ପୁଅ ପ୍ରତିନିଧିତ୍ୱ କଲେ ମାଟି ପାଇଁ ଶୁଭଙ୍କର ହେବ । ସମ୍ପଦ ପାରାଦୀପ ଶିଳ୍ପ ନାଗରୀର ରଙ୍ଗିଆଗଡ ରେ ଜନ୍ମ ଏବଂ ଜଣେ ଉଚ୍ଚ ଶିକ୍ଷିତ । ଏହି ୪ ବର୍ଷ ଭିତରେ ସମ୍ପଦ ନିର୍ବାଚନ ମଣ୍ଡଳୀ ଭିତରେ ସମୟ ଦେବା ଓ ଲୋକଙ୍କ ସୁଖଦୁଃଖରେ ସାମିଲ ହେଉଥିବାରୁ ଲୋକେ ବୁଝି ସାରିଲେଣି ଯେ ମାଟିର ପୁଅ ପ୍ରତିନିଧିତ୍ୱ କଲେ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇପାରିବ । ତେଣୁ ଜନସାଧାରଣ ଏଥର ନିଶ୍ଚିତ ଭାବରେ ଭୂମିପୁତ୍ର ଙ୍କୁ ସୁଯୋଗ ଦେବାକୁ ୨୦୨୪ ନିର୍ବାଚନକୁ ଅପେକ୍ଷା କରିଛନ୍ତି । ସୂଚନାଥାଉକି କୋଭିଡ ସମୟରେ ନେତା ମାନେ ଘରୁ ବାହାରୁ ନଥିବା ବେଳେ ସମ୍ପଦ କରୋନା ସମୟରେ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଖୁବ ଚର୍ଚ୍ଚାରେ ଥିଲେ । ସେହିପରି ବନ୍ୟା ସମୟରେ ସମ୍ପଦ ନିଜେ ପାଣିରେ ପଶି ଗାଁ ଗାଁ ରେ ରିଲିଫ ସାମଗ୍ରୀ ପହଞ୍ଚାଇ ଲୋକଙ୍କର ନିକଟତର ହୋଇପାରିଥିଲେ । ବର୍ଷକେ ୩୬୫ ଦିନ ନିରବଚ୍ଛିନ୍ନ ଭାବେ ନିର୍ବାଚନ ମଣ୍ଡଳୀରେ ବୁଲି ଲୋକଙ୍କ ସମସ୍ୟା ସହ ଯୋଡି ରହି ସେମାନଙ୍କ ବିଶ୍ୱସ୍ତ ଭାଜନ ହୋଇ ଆଗାମୀ ନିର୍ବାଚନରେ ତାଙ୍କର ବିଜୟ କୁ ସୁନିଶ୍ଚିତ କରିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ମା' ଭଗବତୀଙ୍କ ପୀଠରେ କିନ୍ନର ପାଳିଲେ ସାବିତ୍ରୀ ବ୍ରତ

କୋଣାର୍କ,(ପି.ଏନ): କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ସବିତ୍ରୀ ବ୍ରତ ପାଳନ କରାଯାଇଛି । ଆଜିର ପବିତ୍ର ଦିନରେ କିନ୍ନର ମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ଓ ନିରୋଗ କାମନା କରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥିଲେ । ସୂଚନାରୁ ଜଣାପଡିଛି କି କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ ସାବିତ୍ରୀବ୍ରତକୁ ଭକ୍ତିମୟ ପରିବେସ ମଧ୍ୟରେ ପାଳନ କରାଯାଇଥିଲା । ହିନ୍ଦୁ ଧର୍ମର ସଧବା ସ୍ତ୍ରୀ ମାନେ ନିଜ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିବା ସହ ପରିବାରର ମଙ୍ଗଳକାମନା ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି । ସେହିପରି କିନ୍ନର ମାନେ ନିଜ ଗୁରୁଙ୍କ ଦୀର୍ଘଜୀବନ କାମନା କରି ଏହି ପର୍ବକୁ ପାଳନ କରିଥାନ୍ତି । ଯେତେବେଳେ କିନ୍ନର ମାନେ ସମାଜରୁ ଅବହେଳିତ ହୋଇ ନିଜ ପରିବାରରୁ ବାହାରି ନିଜର ସ୍ୱତନ୍ତ୍ର ପରିବେଶକୁ ଆପଣେଇ ଥାନ୍ତି ।

## ଲଳିତ କଳା ଏକାଡେମୀର ପାରମ୍ପରିକ ଚିତ୍ରକଳା ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, (ପି.ଏନ) :ଓଡିଶାଲଳିତ କଳା ଏକାଡେମୀ , ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାର ବୁଗୁଡା ଠାରେ ଆୟୋଜିତ ୩ ଦିନିଆ ପାରମ୍ପରିକ ଚିତ୍ର ଶିବିର ଉଦ୍‌ଜାଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଆତ୍ତିଥି ରୂପେ ଯୋଗଦେଇ ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିନୋଦ ମହାରଣା, ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା ଏବଂ ପ୍ରମୁଖ ଶିଳ୍ପୀଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଚିତ୍ରକୁ ପ୍ରଶଂସା କରିଥିଲେ । ବିରଞ୍ଚନାରାୟଣ ମନ୍ଦିର ରେ ଅଙ୍କିତ ପ୍ରାଚୀନ ଚିତ୍ରଗୁଡିକ ଦିନକୁ ଦିନ ଅବକ୍ଷୟ ହେଉଥିବା ବେଳେ ଶିଳ୍ପୀଙ୍କ ଦ୍ୱାରା ଆଙ୍କିତ ଏହି ଚିତ୍ର ଗୁଡିକ ଆଗ୍ରମୀପିଢ଼ି ପାଇଁ ଦର୍ଶନୀୟ ଓ ଉପାଦେୟ ହେବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଏକାଡେମୀର ସଚିବ ପଞ୍ଚାନନ ସାମଲ ଶିଳ୍ପୀଙ୍କ ଚିତ୍ରଗୁଡିକରେ ବିରଞ୍ଚନାରାୟଣ ମନ୍ଦିର ଶୈଳୀରେ ପ୍ରତିବିମ୍ବ ଦେଖିବାକୁ ମିଳୁଥିବା ଶିବିର ପାଇଁ ସଫଳତା ବୋଲି ପ୍ରକାଶ କରିଥିଲେ । ଶିବିର ଅବସରରେ ଶିଳ୍ପୀ ମାନେ କୃଷ୍ଣ ବଳରାମ , ନୃସିଂହ ଅବତାର , ରାମାୟଣ ବିଷୟ ବସ୍ତୁ ରାମଙ୍କ ସହ ଗୃହକଙ୍କ ସାକ୍ଷାତ , ରାମ ବିବାହ, ରାମ ରାବଣ ଯୁଦ୍ଧ, ମତ୍ସ୍ୟ ଅବତାର ଆଦି ବିଷୟ ବସ୍ତୁକୁନିଖୁଣ ଭାବେ ଅଙ୍କନ କରିଥିଲେ । ଉକ୍ତ ଚିତ୍ରକଳାର ପ୍ରଦର୍ଶନୀକୁ ଅତିଥି ସହ ସାଧାରଣ ଦର୍ଶକ ବୁଲି ଦେଖିଥିଲେ । ଉତ୍ସବ ଅବସରରେ ଶିଳ୍ପୀ ମାନଙ୍କୁଅଙ୍ଗବସ୍ତ୍ରଓ ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଓଡିଶା ଲଳିତ କଳା ଏକାଡ଼େମୀ ଆଞ୍ଚଳିକ ଗ୍ୟାଲେରୀ ଗୁଡିକରେ ଚିତ୍ର ଗୁଡିକ ପ୍ରଦର୍ଶନୀ ହେବ ବୋଲି ସଚିବ ପ୍ରକାଶ କରିଥିଲେ ।



# ଦଶମ ଶ୍ରେଣୀ ଛାତ୍ର ନିଖୋଜ !



ଭୁବନେଶ୍ୱର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ରେ ଏକ ଘଟଣା ଘଟିଯାଇଛି । ପ୍ରଶାନ୍ତ ଯିଏକି ଏକ ଶାନ୍ତ ସ୍ୱଭାବ ର ପିଲା ଓ ବହୁତ ମିଳାପି ପିଲା ଥିଲା । ପରିବାର ଲୋକ ମାନଙ୍କର କହିବା ମୁତାବକ ସେ କାଲି ସକାଳ ଠାରୁ କେଉଁ ଆଡେ ଚାଲି ଯାଇଛନ୍ତି । ଘଟଣା କ୍ରମରେ ପ୍ରଶାନ୍ତ ଦାସ, (ଡାକ ନାମ ପାଗଳା) ବୟସ -୧୬, ଉଚ୍ଚତା ୪'୨ ଇଞ୍ଚ, ରଙ୍ଗ- ଶ୍ୟାମଳ , ପିତା ସ୍ୱର୍ଗତ ହୃଷିକେଶ ଦାସ,ମାତା- ପଦ୍ମିନୀ ଦାସ । ଗ୍ରାମ- ଚୁଡ଼ାମଣି, ପ୍ରଶାନ୍ତ ଙ୍କ ବାପା ଙ୍କ ଦେହାନ୍ତ ପରେ ତାଙ୍କ ମାମୁଁ ଘର ବାସୁଦେବପୁର ପୌରପରିଷଦ ୧୯ ନମ୍ବର ୱାର୍ଡ ବାଷଠୀ ରେ ସେ ରହିଆସୁଥିଲେ ।ସେ ତାଙ୍କ ମାମୁଁ ଘରେ ରହି ପାଠ ମଧ ପଢୁଥିଲେ ।ହେଲେ ଆସନ୍ତା କାଲି ସକାଳ ସମୟରେ ସେ ନିଜର ସକାଳ ଟିଉସନ୍ କୁ ଯିବା ପାଇଁ ଘରୁ ସାଇକେଲ ନେଇ ବାହାରି ଆସିଥିଲେ ।ହେଲେ ସେ ପିଲା ର ଘର କୁ ଫେରିବା ବିଳମ୍ବ ହେବାରୁ ତାଙ୍କ ମାମୁଁ ଘର ଲୋକ ଓ ଗାଁ ର ପାଖ ପୋଡ଼ଶୀ ମାନେ ବହୁତ ଖୋଜାଖୋଜି କରିବା ସହିତ ପ୍ରଶାନ୍ତ ଙ୍କ ସାଙ୍ଗ ସାଥି ମାନଙ୍କ ଘରେ ମଧ ଖୋଜାଖୋଜି କରିଥିଲେ ।ହେଲେ ପ୍ରଶାନ୍ତ ଙ୍କର କୌଣସି ଖୋଜ୍ ଖବର ନ ପାଇବାରୁ ନିରୁତ୍ସାହିତ ହୋଇ ସ୍ଥାନୀୟ ବାସୁଦେବପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ ।ତା ପରେ ପରିବାର ଲୋକେ ମାନଙ୍କ ର ମନ ନ ବୁଝିବାରୁ ସେମାନେ ଆଜି ମଧ ପାଖ ଅଞ୍ଚଳର ରେ ବି ବହୁତ ଖୋଜାଖୋଜି ମଧ କରିଥିବା କଥା ନିଜର ପ୍ରତିକ୍ରିୟା ମଧ ଦେଇଥିଲେ ।ଏହି ନିୟୁଜ ମାଧ୍ୟମରେ ସେ ଓଡ଼ିଶା ଓ ଓଡ଼ିଶା ବାହାର ରହୁଥିବା ସମସ୍ତ ଲୋକ ମାନଙ୍କୁ ଅନୁରୋଧ କରିଛନ୍ତି ଯେ କୌଣସି ସହୃଦୟ ବ୍ୟକ୍ତି ଜଦି ସେ ପିଲା ର ଠିକଣା ପାଆନ୍ତି ତାହାଲେ ଏହି ମୋବାଇଲ ନମ୍ବର ୮୦୯୩୧୦୪୨୧୮ କିମ୍ବା ପାଖ ଥାନା ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ।

## ବିଦ୍ୟାକନକ ସୃଜନାନୁଷ୍ଠାନର ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବ ମଇ ୨୧ରୁ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱରର ପ୍ରତିଷ୍ଠିତ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ବିଦ୍ୟା କନକ ସୃଜନାନୁଷ୍ଠାନ' ଗତ ବର୍ଷ ପରି ଏବର୍ଷ ମଧ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୩ ଆୟୋଜନ କରିବାକୁ ଯାଉଛି । ପଞ୍ଚମ ଜାତୀୟ ନାଟ୍ୟ ମହୋତ୍ସବ- ୨୦୨୩ ଆଗାମୀ ମଇ ୨୧ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଓଡ଼ିଶାର ଗୋଟିଏ ନାଟ୍ୟଦଳ ସହ ଭାରତର ବିଭିନ୍ନ ପ୍ରଦେଶରୁ ୪ଟି ନାଟ୍ୟଦଳ ବିଭିନ୍ନ ଭାରତୀୟ ଭାଷାରେ ସେମାନଙ୍କର ନାଟକ ପରିବେଷଣ କରିବେ ।

# ସୁଟିଂ ଫ୍ଲୋରରେ ଓଡ଼ିଆ ଚଳଚିତ୍ର ଫେସ୍‌ବୁକ୍ ଲଭ୍

ଖୋର୍ଦ୍ଧା(ପି.ଏନ): ମୁନ୍ ଟିଭି ମୁଭିଜ୍ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ଚଳଚିତ୍ର ଫେସ୍‌ବୁକ୍ ଲଭ୍‌ର ସୁଟିଂ ଆରମ୍ଭ ହୋଇଯାଇଛି । ପ୍ରେମ କେମିତି ବି ହୋଇପାରେ ଏବେ ସୋସିଆଲ ମିଡ଼ିଆ ପ୍ରେମ ପାଇଁ ସହଜ ବାଟ ବୋଲି ପ୍ରାୟ ସମସ୍ତଙ୍କୁ ଜଣା । ଫେସ୍ ବୁକ୍ ମାଧ୍ୟମରେ କିଏ ଇନଷ୍ଟାଗ୍ରାମ୍ ମାଧ୍ୟମରେ ପ୍ରେମରେ ପଡୁଛି ତେବେ କେତେ ଚିରସ୍ଥାୟୀ ଫେସ୍‌ବୁକ୍ ଲଭ୍ । ଏମିତି କିଛି ସୋସିଆଲ ମିଡ଼ିଆ ଘଟଣାବଳିକୁ ନେଇ ପ୍ରସ୍ତୁତ ହେଉଛି ଚଳଚିତ୍ର ଫେସ୍‌ବୁକ୍ ଲଭ୍ । ପୂର୍ବରୁ ଦର୍ଶକଙ୍କୁ ଏକାଧିକ ହିଟ୍ ସିନେମା ଦେଇଥିବା ପ୍ରଯୋଜକ ସଚ୍ଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକଙ୍କ ପ୍ରଯୋଜନା ରେ ଫେସ୍‌ବୁକ୍ ଲଭ ସୁଟିଂ ଦ୍ରୁତିଗତିରେ ଆଗେଇ ଚାଲିଛି । ଚଳଚିତ୍ରରେ ରହିଛି ସମୁଦାୟ ୫ଟି ଗୀତ । ଯେଉଁ ଗୀତ ଗୁଡ଼ିକର ସ୍ୱର ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର କରିଛନ୍ତି ଏବଂ ଗୀତ ଗୁଡ଼ିକୁ କୋରିଓ ଗ୍ରାଫି କରୁଛନ୍ତି ଲୁବୁନ୍ ଟୁବୁନ୍ । ଚଳଚିତ୍ରର ନିର୍ଦ୍ଦେଶନା ଭାର ଯୁବ ନିର୍ଦ୍ଦେଶକ ଅଶ୍ୱିନି ଗଡ଼ନାୟକ ନେଇଛନ୍ତି । ଚଳଚିତ୍ରର ମୁଖ୍ୟ ଭୂମିକାରେ ଅଭିନେତ୍ରୀ ମହିମା ଦାସ, ଦିବ୍ୟାଶ୍ରୀ ଶୁଭାଙ୍ଗୀ ଏବଂ ଅଭିନେତା ଚନ୍ଦନ ରହିଛନ୍ତି । ଚନ୍ଦନ ପୂର୍ବରୁ ଧାରା ବାହିକ ଏବଂ କେତେ ଗୁଡ଼ିଏ ମ୍ୟୁଜିକ୍ ଭିଡ଼ିଓରେ ଅଭିନୟ କରି ବେଶ୍ ଲୋକ ପ୍ରୀୟ ହୋଇଥିଲେ ତେବେ ଚଳଚିତ୍ର ଫେସ୍‌ବୁକ୍ ଲଭ୍ ତାଙ୍କର ପ୍ରଥମ ମୁଭି । ଏହି ଚଳଚିତ୍ର ଥିବା ଆଇଟମ୍ ଗୀତର ସ୍ୱର ଯେମିତି ଦମ୍‌ଦାର କୋରିଓ ଗ୍ରାଫି ମଧ ସେମିତି ଜବରଦସ୍ତ । ପ୍ରଯୋଜକ ସଚ୍ଚିକାନ୍ତ ଜେନା ତାଙ୍କର ପ୍ରାୟ ସବୁ ସିନେମାରେ ଆଇଟମ ଗୀତ ଉପରେ ବହୁତ ଗୁରୁତ୍ୱ ଦେଇଥାନ୍ତି । ପୂର୍ବରୁ ବଂଜରଙ୍ଗୀର ଆଇଟମ୍ ଗୀତ ସବୁ ବର୍ଗର ଦର୍ଶକ ମନକୁ ଛୁଇଁ ସାରିଛି । ପ୍ରଥମେ ଗୀତ ଗୁଡ଼ିକର ସୁଟିଂ ତା ପରେ ଡ୍ରାମା ଆଡ଼କୁ ଯିବେ ବୋଲି ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ ପ୍ରକାଶ କରିଛନ୍ତି । ପ୍ରଚାର, ପ୍ରସାର ଦାୟିତ୍ୱରେ ଥିବା ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ଼ ପ୍ରଣୟ ଜେଠୀ ମତ ଦିଅନ୍ତି । ଏହି ଫେସବୁକ୍ ଲଭ ଚଳଚିତ୍ର ସମାଜ ତଥା ଯୁବ ପିଢିଙ୍କ ପାଇଁ ସଚେତନତା ବାର୍ତା ଦେବ ।

# ଜିଓ-ବିପି ପକ୍ଷରୁ ଉଚ୍ଚ ଦକ୍ଷତା ସମ୍ପର୍ଣ୍ଣ ନୂଆ ଡିଜେଲ୍‌ର ଶୁଭାରମ୍ଭ

ସମ୍ବଲପୁର,(ପି.ଏନ): ଜିଓ-ବିପି ପକ୍ଷରୁ ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଏହାର ନୂଆ ଡିଜେଲ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି ଯାହା ଭାରତୀୟ ଉପଭୋକ୍ତାଙ୍କ ପାଇଁ ଡିଜେଲର ମାନ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ରହିଛି । ନୂଆ କରି ଶୁଭାରମ୍ଭ ହୋଇଥିବା ଏହି ଆଡିଟିଭାଇଜ୍‌ଡ ଡିଜେଲ, କମ୍ପାନୀର ନେଟ୍‌ୱର୍କରେ ଉପଲବ୍ଧ ରହିଥିବାବେଳେ ଏହି ଡିଜେଲ ୪.୩% ପର୍ଯ୍ୟନ୍ତ ଉନ୍ନତ ଫୁଏଲ୍ ଇକୋନୋମି କାରଣରୁ ଟ୍ରକର୍‌ମାନଙ୍କୁ ନିଜ ଯାନ ଉପରେ ବାର୍ଷିକ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଚୟ ପ୍ରଦାନ କରିବ । ଏହି ନୂତନ ଉଚ୍ଚ ପ୍ରଦର୍ଶନକ୍ଷମ ଡିଜେଲ ଜିଓ-ବିପି ଆଉଟ୍‌ଲେଟ୍‌ଗୁଡିକରେ ଉପଲବ୍ଧ ହେବ ଏବଂ ପ୍ରଥମ ଥର ପାଇଁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ନିୟମିତ ମୂଲ୍ୟରେ ଭାରତୀୟ ବଜାରରେ ପ୍ରଦାନ କରାଯିବ । ଜିଓ-ବିପି ଆଉଟ୍‌ଲେଟ୍‌ଗୁଡିକରେ ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଏହି ଡିଜେଲ ଜମା ହୋଇଥିବା ମଇଳା କାରଣରୁ ଅବାଂଛିତ ମରାମତିର ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ଗୁରୁତ୍ୱପୂର୍ଣ୍ଣ ଇନ ପାର୍ଟଗୁଡିକରେ ବିଦ୍ୟମାନ ମଇଳାକୁ ଦୂର କରିବା ସହିତ ଏହାକୁ ଜମାହେବାରୁ ସୁରକ୍ଷା ଦେଇଥାଏ । ଏହାକୁ ବାଣିଜ୍ୟିକ ଯାନର ଏକ ଶୃଙ୍ଖଳରେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି ଏବଂ ବିଦ୍ୟମାନ ବ୍ୟବହାର ସହିତ ଏହା ଚାଳକ ଓ ମାଲିକମାନଙ୍କୁ ବିଭିନ୍ନ ଲାଭ ପ୍ରଦାନ କରିଥାଏ । ଏହା ବିଦ୍ୟମାନ ବ୍ୟବହାର ସହିତ ଇନର ଶକ୍ତିକୁ ପୁନଃସଂରକ୍ଷିତ ଓ ବଜାୟ ରଖିବାରେ ସାହାଯ୍ୟ କରିଥାଏ, ଯେବେକି ଯାନର ଅବାଂଛିତ ମରାମତିର ବିପଦକୁ ହ୍ରାସ କରିଥାଏ । ଜିଓ-ବିପି ସିଇଓ, ଶ୍ରୀ ହରିଶ ସି ମେହତା କହିଛନ୍ତି ଯେ, ନପ୍ରତ୍ୟେକ ଗ୍ରାହକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଜିଓ-ବିପି ପାଇଁ ଟ୍ରକରଗୁଡ଼ିକ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଧାରଣ କରିଛନ୍ତି । ଅଧାରୁ ଅଧିକଟ୍ରକର୍‌ର ପରିଚାଳନା ଖର୍ଚ୍ଚକୁ ଦେଖି ଆମେ ସେମାନଙ୍କ ସାମ୍ରଗିକ ବ୍ୟବସାୟ ପ୍ରଦର୍ଶନ ଉପରେ ଇନ୍ଧନର ଗୁରୁତ୍ୱପୂର୍ଣ୍ଣ ପ୍ରଭାବକୁ ବୁଝିପାରିଛୁ । ଇନ୍ଧନ କାର୍ଯ୍ୟଦକ୍ଷତା ଏବଂ ଇନ ମେଂଟେନାନ୍ସକୁ ନେଇ ସେମାନଙ୍କ ଚିନ୍ତା ହ୍ରାସ କରିବା ପାଇଁ, ଜିଓ-ବିପି ସ୍କ୍ରାଚରୁ କଷ୍ଟମାଇଜ ଆଡିଟିଭ ବିକଶିତ କରିବା ଲାଗି ସର୍ବୋତମ ଟେକ୍ନୋଲୋଜି ବିଶେଷଜ୍ଞମାନଙ୍କ ସହିତ ଏକାଧିକ ବର୍ଷ ଧରି କାର୍ଯ୍ୟ କରିଛି । ଏହି ଆଡିଟିଭ ସମୃଦ୍ଧ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଡିଜେଲ ବିଶେଷ କରି ଭାରତୀୟ ଯାନ ପାଇଁ, ଭାରତୀୟ ରାସ୍ତାରେ ଏବଂ ଭାରତୀୟ ଗାଡ଼ିଚାଳନା ସ୍ଥିତିରେ ପ୍ରସ୍ତୁତ ହୋଇଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray